## ସଂକ୍ଷେପରେ

### ବସ୍‌ରୁ ଖସି ଯାତ୍ରୀ ମୃତ

ଖପ୍ରାଖୋଲ,୨।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବାଂଜିପାଲି ଗାଁ ନିକଟରେ ବସ୍‌ରୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁର ତ୍ରିଲୋଚନ ବରିହା(୪୫)। ତ୍ରିଲୋଚନ କୌଣସି କାମରେ ଶନିବାର ବରଗଡ଼ ଜିଲା ବୋଡ଼େନ ଥାନା ସିଲେଟପଡ଼ା ଗାଁକୁ ଶନିବାର ବସ୍ ଯୋଗେ ଯାଉଥିଲେ। ବସ୍ ଗେଟ ପାଖରେ ଛେପ ପକାଇଲା ବେଳେ ଭାରସାମ୍ୟ ହରାଇ ବସରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖପ୍ରାଖୋଲ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(୨/୨୩)ରୁଜୁ ହୋଇଥିବା ଏଏସଆଇ ନାରାୟଣ ସାହୁ କହିଛନ୍ତି।

### ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଦିନ ଉଛବ

ଟିଟିଲାଗଡ଼,୨।୪ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଥମ ଦିନୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହ ପ୍ରଧାନଆଚାର୍ଯ୍ୟ ନୃପରାଜ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଓଡ଼ିଶା ଦିବସ ଓ ପ୍ରଥମ ଦିନୋତ୍ସବର ବିଶେଷତ୍ୱ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରିଥିଲେ। ପରିଚାଳନା କମିଟି ସମିତି ସମ୍ପାଦକ ଡମ୍ବରୁଧର କର୍ମୀ ଉତ୍କଳର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସଂସ୍କୃତ ଆଚାର୍ଯ୍ୟ ପଙ୍କଜ ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିନୋତ୍ସବରେ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେଇ ନୂତନ କକ୍ଷକୁ ସ୍ୱାଗତ କରାଯାଇଥିଲା।

### ୨୬ ନଂ. ଜାତୀୟ ରାଜପଥରେ ଗର୍ତ୍ତ

ଲୋଇସିଂହା,୨।୪(ଡି.ଏନ.ଏ): ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ରେଳ ଷ୍ଟେଶନ ରାସ୍ତା ନିକଟରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ସେଠାରେ ଅଦିନିଆ ବର୍ଷା ପାଣି ଜମି ବିପଦ ସୃଷ୍ଟି କରିଛି। ହେଲେ ଏହି ସମସ୍ୟା ପ୍ରତି ଏନଏଚ୍ ଡିଭିଜନର ନଜର ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଲୋଇସିଂହା ଥାନାଠାରୁ ମାତ୍ର ୨ ଶହ ମିଟର ବଲାଙ୍ଗୀର ପଟକୁ ଗଲେ ପଡେ ରେଳ ଷ୍ଟେଶନ ରାସ୍ତା। ଏହାର କିଛି ମିଟର ପୂର୍ବରୁ ରହିଛି କୁମୁଦିନୀ ଇଲେକ୍ଟ୍ରିକାଲ ଦୋକାନ। ଉକ୍ତ ଦୋକାନ ସମ୍ମୁଖରେ ପିଚୁ ରାସ୍ତା କଟି ଯା ଗର୍ତ୍ତ ସୃଷ୍ଟି ହୋଇଛି। ଏବେ ଅଦିନିଆ ବର୍ଷା ଲାଗି ରହିଛି। ସେହି ଗର୍ତ୍ତରେ ବର୍ଷା ପାଣି ଜମି ରହୁଛି। ଉକ୍ତ ଗର୍ତ୍ତରେ ପଡି ଗୋଟିଏ ଟ୍ରକ ଦୁଇଦିନ ହେଲା ହସ୍ପିଟାଲ ଓ ରେଲୱେ ଷ୍ଟେଶନ ରାସ୍ତା ନିକଟରେ ଅଚଳ ହୋଇ ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉକ୍ତ ଗର୍ତ୍ତ ମରାମତି କରା ନ ଗଲେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବା ଆଶଙ୍କା ପ୍ରକାଶ ପାଉଛି। ଅପରପକ୍ଷେ ମନମୁଖୀ ଭାବେ ଉକ୍ତ ରାଜପଥ ପ୍ରଶସ୍ତିକରଣ କାମଚାଲିଛି। ପ୍ରଶସ୍ତିକରଣ କାମରେ ଅବହେଳା ଯୋଗୁ ରାଜପଥ ଯାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଶସ୍ତିକରଣ କାମ ଦ୍ରୁତାନ୍ୱିତ ଦିଗରେ ଜିଲା ପ୍ରଶାସନ ଓ ଏନଏଚ ଡିଭିଜନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### କୋଶଲୀ ଲୋକନୃତ୍ୟ ଏକାଡେମୀ ସମ୍ପାଦକଙ୍କ ମାତୃ ବିୟୋଗ

ଦେଓଗାଁ,୨।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲାସ୍ଥିତ କୋଶଳୀ ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକଙ୍କ ମା' ଶ୍ରୀୟା



ନାୟକ(୮୪)ଙ୍କ ପରଲୋକ ହୋଇଛି। ସ୍ଥାନୀୟ ସୋନଗଡ ନଦୀକୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଧରଣୀଧର ମୁଖାଗ୍ନି ଦେଇଥିଲେ। ଶ୍ରୀୟାଙ୍କ ବିୟୋଗରେ ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବଳରାମ ନାୟକ, ବ୍ଲକ ଯୁବ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ, କୈଳାସ ତାଣ୍ଡି, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ତାଡ଼କା ବଧ, ସୀତା ବିବାହ ସମ୍ପନ୍ନ

## ରାମଜୀ ନାଟ୍ୟସଂସ୍ଥା ପକ୍ଷରୁ ରାମଲୀଳା ଆରମ୍ଭ

ବଲାଙ୍ଗୀର ଅଫିସ, ୨।୪

ବଲାଙ୍ଗୀର ସହରର ସର୍ବପୁରାତନ ନାଟ୍ୟସଂସ୍ଥା ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଜଗନ୍ନାଥପଡା ମନ୍ଦିର ପ୍ରାଙ୍ଗଣରେ ରାମଲୀଳ ଗୀତିନାଟ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନ ରାମଲୀଳା ନାଟକରେ ଅହଲ୍ୟା ଶାପମୁକ୍ତ, ତାଡକା ବଧ, ଶିବ ଧନୁଭଙ୍ଗ ସହ ସୀତା ବିବାହ ସମ୍ପନ୍ନ ହୋଇଯାଇଥିଲା। ରାତି ପ୍ରାୟ ୧୦ଟାରେ ଆରମ୍ଭ ହୋଇଥିବା ରାମଲୀଳା ନାଟକ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ରବିବାର ସକାଳୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିବାହ ଉତ୍ସବ ଧୁମଧାମରେ ପାଳନ କରାଯାଇଥିଲା। ଚଳିତବର୍ଷ ପୁରାତନ କଳାକାର ସହ ଗାଁର ନୂତନ କଳାକାର ମାନଙ୍କୁ ନେଇ ନାଟକ ମଞ୍ଚସ୍ଥ ହେଉଛି। ଆଖପାଖ ଅଞ୍ଚଳରୁ ଲୀଳା ନାଟକ ଦେଖିବା ପାଇଁ ଆସିଥିବା ଦର୍ଶକ କଳାକାରଙ୍କ ଅଭିନୟକୁ ପ୍ରଶଂସା କରିଥିଲେ। ସଦାଶିବ ରଚିତ ନାଟକ ପରିବେଷଣ ହେଉଥିବାବେଳେ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ଲୀଳା ନାଟକ ନିର୍ଦ୍ଦେଶନା ଦେଇଛନ୍ତି।



ଜଗନ୍ନାଥପଡାଠାରେ ଅନୁଷ୍ଠିତ ରାମଲୀଳା ନାଟକର ଏକ ଦୃଶ୍ୟ।

# ସୀତା ବିବାହ ଉତ୍ସବ, ନାଚଗୀତରେ ଦୁଲୁକିଲା ଗାଁଦାଣ୍ଡ

ଖପ୍ରାଖୋଲ, ୨।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ସୀତା ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମ ନବମୀଠାରୁ ଶ୍ରୀରାମ ମନ୍ଦିର କମିଟି ଓ ଏକାଦଶୀ କମିଟି ତରଫରୁ ଜଗନ୍ନାଥ ମନ୍ଦିର ପରିସରରେ ରାମାୟଣ ପଠନ ଏବଂ ସୀତା ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଭାବେ ରାମ, ଲକ୍ଷ୍ମଣ, ଭାରତ ଓ ଶତ୍ରୁଘ୍ନ ବାଲ୍ୟ ଲୀଳା ଓ ବିବାହ ଉତ୍ସବ ଶିଶୁ କଳାକାରଙ୍କ ଦାରା ନିଖୁଣ ପରିବେଷିତ ହୋଇଥିଲା। ବିବାହ ଉତ୍ସବ ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ଚଳିତ ବର୍ଷ କନ୍ୟା ପିତାଭାବେ ଅଚ୍ୟୁତ ପ୍ରଧାନ ଓ ବରପିତା କାହ୍ନୁ ଥନାପତି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ବୁଲୁ ପଣ୍ଡା, ବିଜୁ ବାରିକ, ସୁନିଲ ପ୍ରଧାନ, ପୁରନ ସାହୁ, କମଳାକାନ୍ତ ଦଣ୍ଡସେନା, ମହାବୀର ପ୍ରଧାନ, ମଧୁସୂଦନ ସାହୁ, ହରିବୋଲ ପୋଡ଼, ସୁଷମା ବାରିକ, ଅହଲ୍ୟା ସାହୁ, ନିଦ୍ରାବତୀ ଭୋଇଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



ଶିଶୁ କଳାକାରମାନେ ରାମ, ଲକ୍ଷ୍ମଣ ବେଶରେ ଗାଁ ପରିକ୍ରମା କରୁଛନ୍ତି।

# ସିଆରପିଏଫର ଜନସମ୍ପର୍କ ଶିବିର



ଶିବିରରେ ଜଣେ ମହିଳାଙ୍କୁ ବ୍ୟବହାର ସାମଗ୍ରୀ ପ୍ରଦାନ କରାଯାଉଛି।

ଖପ୍ରାଖୋଲ,୨।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଓ ଖପ୍ରାଖୋଲଠାରେ ଅବସ୍ଥାପିତ ସିଆରପିଏଫ ୧୮୯ ଏ ଓ ବି ବାଟାଲିଅନ ତରଫରୁ ହରିଶଙ୍କର ଓ ତେଲେନପାଲିଠାରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ସିଆରପିଏଫ ବାଟାଲିଅନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟବୀର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀ, ମହରାପଦର ସରପଞ୍ଚ ସୁମତୀ ପଧାନ ଶିବିରରେ ଯୋଗଦେଇଥିଲେ। ୧୧୯ଜଣଙ୍କୁ କଡ଼େଇ, ପ୍ରେସର କୁକର, ଗଇନ୍ତି, ରଫା, ଦାଆ, କୁରାଢ଼ି, ବାଲିଚା ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ଖପ୍ରାଖୋଲ ସିଆରପିଏଫ ବାଟାଲିଅନ ତରଫରୁ ତେଲେନପାଲିଠାରେ ଜନସମ୍ପର୍କ ଶିବିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ଖପ୍ରାଖୋଲ ବ୍ଲକ ଉପାଧ୍ୟକ୍ଷ ସୁଖିରାମ ଶାଣ୍ଡ ପ୍ରମୁଖ ଯୋଗଦେଇ ପ୍ରେସର କୁକର ୩୦, କଡ଼େଇ ୩୦, ରଫା ୨୦, ଗଇଁନ୍ତି ୨୦, କୁରାଢ଼ି ୨୦, ଦାଆ ୨୦, ବେଲଚା ୨୫ଟି ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଜନ ସାଧାରଣଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା ପାଇଁ ସିଆରପିଏଫ ତରଫରୁ ଏଭଳି ଜନସମ୍ପର୍କ ଶିବିର ଆୟୋଜିତ ହୋଇଥାଏ।

# ତଦନ୍ତକୁ ମାସେ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

## ଏମ୍‌ଜିଏନଆଇରଜିଏସ୍ କାମରେ ଅନିୟମିତତା ଘଟଣା

ଲୋଇସିଂହା୨।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲୁଚକିବାହାଲ ଗ୍ରାମରେ ଏମ୍‌ଜିଏନ୍‌ଆରିଜିଏସ୍ ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖଜୁରୀ କଟା ଓ ଲିମ୍ବମୁଣ୍ଡାର ମାଟି ଉନ୍ନତୀକରଣ ପଞ୍ଚାୟତ ପକ୍ଷରୁ କରାଯାଇଛି । ଗ୍ରାମର କେତେକ ଜବକାର୍ଡକାରୀ ଉକ୍ତ ପ୍ରକଳ୍ପରେ କାମ କରିଥିଲେ। ହେଲେ ପ୍ରକଳ୍ପରେ ନିୟୋଜିତ ଶ୍ରମିକଙ୍କୁ କାମ କରିବାର ୩ ମାସ ପରେ ବି ପ୍ରାପ୍ୟ ମିଳି ନ ଥିଲା । ଅପରପକ୍ଷେ ମଷ୍ଟରରୋଲରେ ଜାଲିଆତି କରି କାମ କରି ନ ଥିବା ପରଧିଆପାଲି ଓ ଝାରମୁଣ୍ଡା ଗ୍ରାମର ଦେଢଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ନାମରେ ଟଙ୍କା ପଡିଥିବା ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ୨୦୨୨ ସେପ୍ଟେମ୍ବର ୩ତାରିଖରେ ଜିଲା ପରିଷଦ ଅଫିସରେ ୱାର୍ଡସଭ୍ୟ ମଙ୍ଗଲୁ ସାହୁ, ମୁକେଶ ଭୂଏ ଫେରାଦ ହୋଇଥିଲେ। ସେମାନଙ୍କ ଅଭିଯୋଗ ଆଧାରରେ ମାର୍ଚ୍ଚ ୯ତାରିଖରେ ଏମ୍‌ଜିଏନ୍‌ଆରଇଜିଏସ୍ ଅମ୍ବୁଡସମ୍ୟାନ ସଚ୍ଚିଦାନନ୍ଦ ହନୁମାନଙ୍କ ନେତୃତ୍ୱରେ ୩ଜଣ ଅଧିକାରୀ କ୍ଷେତ୍ରକୁ ଯାଇ ତଦନ୍ତ କରିଥିଲେ। ଏହି ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ ଉପସ୍ଥିତ ଥିଲେ। ଇତିମଧ୍ୟରେ ମାସେ ବିତିଗଲାଣି। ହେଲେ ଅନିୟମିତତା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀଙ୍କୁ ପଚାରିବାରୁ ଏପିଓ ତଦନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ଦେଇଥିବା କହିଛନ୍ତି। ଏଥିପୂର୍ବରୁ ଲୋଇସିଂହା ବିଡିଓଙ୍କ ପତ୍ରସଂଖ୍ୟା ୨୬୩୩/ ତା୨୬।୮।୨୦୨୨ରିଖରେ ପିଇଓ, ଯନ୍ତ୍ରୀ, ଜିଆରଏସ ଓ ଗାଁ ସାଥୀଙ୍କୁ କାମ କରିଥିବା ଜବକାର୍ଡଧାରୀ ଶ୍ରମିକଙ୍କୁ କାହିଁକି ଟଙ୍କା ପୈଠ କରାଯାଇନାହିଁ, ପ୍ରକଳ୍ପରେ ଅନିୟମିତତା ଏବଂ ଆତ୍ମସାତ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ।

# ୧୨ରେ ନାଗରିକ କମିଟିର ଗଣଧାରଣ

ବଲାଙ୍ଗୀର ଅଫିସ, ୨।୪

ବଲାଙ୍ଗୀର ଜିଲାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ କ୍ରମାଗତ ଅବହେଳା କରାଯାଉଥିବାରୁ ଜିଲା ଏକ ପଛୁଆ ଜିଲା ଭାବେ ପରିଗଣିତ ହେଉଛି। ଏହାର ପ୍ରତିବାଦରେ ବଲାଙ୍ଗୀର ନାଗରିକ କମିଟି ଆସନ୍ତା ଏପ୍ରିଲ ୧୨ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣ ଓ ବିକ୍ଷୋଭ ପ୍ରଦର୍ଶନ କରିବ। ଏନେଇ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ନାଗରିକ କମିଟି ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। କମିଟି ସଭାପତି ଇଂ.ବେଲାର ସିଂଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବିଭିନ୍ନ ଅନୁଷ୍ଠାନରେ ଖାଲି ପଡିଥିବା ପଦବୀ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଠାରେ ଏକ କୃଷି ବିଶ୍ୱବିଦ୍ୟାଳୟ, ବିଇଡି କଲେଜରେ ଏମ୍‌ଇଡି ପାଠ୍ୟକ୍ରମ, ସ୍ୱାସ୍ଥ୍ୟ ବିଶେଷଜ୍ଞ ନିଯୁକ୍ତି ତଥା ମହିଳା ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଆୟୁର୍ବେଦିକ ଓ ଏଲୋପାଥିକ କଲେଜର ଉନ୍ନତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏ ସମ୍ବନ୍ଧରେ ଆଗରୁ ରାଜ୍ୟ ସରକାରଙ୍କୁ କମିଟି ପକ୍ଷରୁ ଲିଖିତ ଭାବରେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ନ ହେବାରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନର ଆବଶ୍ୟକତା ରହିଛି ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା ଏପ୍ରିଲ ୧୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣ ଦିଆଯିବ। ଏଥିରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଶିକ୍ଷାନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ସାମିଲ କରିବା ପାଇଁ କମିଟି ସମ୍ପାଦକ ସାହୁ ଅନୁରୋଧ କରିଥିଲେ। ଆଲୋଚନାରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ଗଜେନ୍ଦ୍ର ଭମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ପୀତବାସ ପଣ୍ଡା, ଗୋପବନ୍ଧୁ ପୁରୋହିତ, ବିମଳ ଚୋପଦାର, ଶାନ୍ତନୁ ମିଶ୍ର, ପର୍ଶୁରାମ ନାୟକ, ମାଲିଆ ଗଡୁଆ, ସଲିମ ଖାନ, ଦୁର୍ଗା ପ୍ରସନ୍ନ ଛୁରିଆ, ଗୋପାଳକୃଷ୍ଣ ମିଶ୍ର ଓ ଅଶୋକ ମିଶ୍ର ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଚକ୍ରପାଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ନାଗରିକ କମିଟି ସଭାରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

# ମାହେଶ୍ୱରୀ ସଙ୍ଗଠନର ନୂତନ ଶାଖା ଶୁଭାରମ୍ଭ



ମାହେଶ୍ୱରୀ ସଙ୍ଗଠନ ଟିଟିଲାଗଡ ଶାଖାର କାର୍ଯ୍ୟକର୍ତ୍ତା, ସଦସ୍ୟାଙ୍କ ସହ ବଲାଙ୍ଗୀର ଶାଖା ସଦସ୍ୟ।

ବଲାଙ୍ଗୀର ଅଫିସ/ଟିଟିଲାଗଡ, ୨।୪ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲାର ଅଗ୍ରଣୀ ଯୁବ ସଙ୍ଗଠନ ମାହେଶ୍ୱରୀ ସାମାଜିକ ସଙ୍ଗଠନ ଟିଟିଲାଗଡ ଶାଖା ରବିବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଟିଟିଲାଗଡଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆନୁଷ୍ଠାନିକ ଭାବେ ହୋଇଥିବା ମାହେଶ୍ୱରୀ ଟିଟିଲାଗଡ ଶାଖା ପ୍ରାରମ୍ଭିକ ସଭାରେ ସମାଜରେ ସେବାମୂଳକ କାର୍ଯ୍ୟକୁ ପ୍ରାଥମିକତା ଦେବା ଏବଂ ଅସହାୟଙ୍କୁ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଟିଟିଲାଗଡ ଶାଖା ସଭାପତି ଭାବେ ମମତା ସାହୁ, ସଂଯୋଜକ ରାଜଶ୍ରୀ ହୋତା, ବିଶେଷ କର୍ମକର୍ତ୍ତାଭାବେ ଚନ୍ଦ୍ରକଳା ସାହୁ, ଧରିତ୍ରୀ ମହାନ୍ତି, ପୁଷ୍ପଲତା ପଟ୍ଟନାୟକ, ନନ୍ଦିନୀ ହୋତା, ଗୀତାଞ୍ଜଳି ଦାସ, ନରୋତ୍ତମ ହୋତା, ବନମାଳୀ ବେହେରା ଦାୟିତ୍ୱ ଗ୍ରହଣ କରିଥିଲେ। ବଲାଙ୍ଗୀର ଶାଖାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ମହିଳା ଶାଖା ସଂଯୋଜିକା କ୍ରିତିକା ଅଗ୍ରୱାଲ, ବରିଷ୍ଠ ସଭ୍ୟ ଅପ୍ରମିତ ପରିଚ୍ଛା, ବିଷ୍ଣୁପ୍ରିୟା ପାଣି ତଥା ଜିଲା ସଂଯୋଜକ ସୌମ୍ୟରଞ୍ଜନ ପଣ୍ଡା ଉପସ୍ଥିତ ରହି ନୂତନ ଭାବେ ଗଠିତ ସଙ୍ଗଠନକୁ ସୁଦୃଢ ତଥା ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। କେବଳ ଟିଟିଲାଗଡ ସହରରେ ସେବା କାର୍ଯ୍ୟ ସୀମିତ ନ ରହି ବରଂ ପାରୁପର୍ଯ୍ୟନ୍ତ ପାଖପାଖ ଗ୍ରାମାଞ୍ଚଳରେ ଜାରି ରହିବ ବୋଲି ନୂତନ ଭାବେ ମନୋନୀତ ସଭାପତି ସାହୁ ମତ ରଖିଥିଲେ। ମହିଳାମାନେ ନେତୃତ୍ୱ ନେଇଥିବାରୁ ମହିଳା ସଶକ୍ତିକରଣକୁ ଅଗ୍ରାଧିକାର ଦିଆଯିବ ବୋଲି ମାହେଶ୍ୱରୀ ସଂଗଠନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପାଣ୍ଡିଆ କହିଥିଲେ।

# ଫାଟିଗଲା କଂକ୍ରିଟ ରାସ୍ତା

ଲୋଇସିଂହା, ୨।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମ ବସ୍ତି ରାସ୍ତା କଂକ୍ରିଟକରଣ କରାଯାଇଛି। ହେଲେ କାମ କରିବାର ଅଳ୍ପଦିନ ମଧ୍ୟରେ ରାସ୍ତା ଶୋଚନୀୟ ହୋଇ ପଡିଛି। କିଛିଦିନ ତଳେ ଗ୍ରାମର ଦୁର୍ଗାମଣ୍ଡପ ନିକଟରେ କଂକ୍ରିଟ ରାସ୍ତା ଗୋଟିଏ ଫୁଟ ଓସାରରେ ଫାଟି ଯାଇଥିଲା। ବଲାଙ୍ଗୀର ଆରଡି ବିଭାଗ ପକ୍ଷରୁ ଲୋଇସିଂହା ନାରାୟଣ ସାଗର ହିଡରୁ ବାଦିବାହାଲ ପର୍ଯ୍ୟନ୍ତ ଓସାରିଆ ପିଚୁ ରାସ୍ତା ନିର୍ମାଣ ହୋଇଛି। ବାଦିବାହାଲ ଗ୍ରାମର ପୋଖରୀ ପୋଲ ନିକଟରୁ ବସ୍ତି ମଧ୍ୟରେ କଂକ୍ରିଟକରଣ କରାଯାଇଛି । ନିମ୍ନମାନର କାମ କରାଯାଇଥିବାରୁ ତାହା ଖରାପ ହୋଇପଡିଛି। ରାସ୍ତାର ଦୁର୍ଗାମଣ୍ଡପ ନିକଟରେ ରବିବାର ଅପରାହ୍ନରେ ଗ୍ରାମବାସୀ ତାସ ଖେଳୁଥିବା ସମୟରେ ଝଡତୋଫାନ ଆସିଥିଲା। ଏହି ସମୟରେ ସେହି ସ୍ଥାନରେ ରାସ୍ତା ଫାଟି ଯାଇଥିବା ଦେଖାଯାଇଥିଲା। ଏହାଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କଂକ୍ରିଟ ତଳେ ପଲିଥିନ ଦିଆଯାଇଥିବାରୁ ଏପରି ଘଟଲଣି ନା ଅନ୍ୟ କୌଣସି କାରଣ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି।



ଦୁର୍ଗାମଣ୍ଡପ ନିକଟରେ ଫାଟି ଯାଇଥିବା କଂକ୍ରିଟ ରାସ୍ତା।

# ଗାଁ ଚାଲ, ଘର ଚାଲ କାର୍ଯ୍ୟକ୍ରମ ପ୍ରସ୍ତୁତି

ଦେଓଗାଁ,୨।୪(ଡି.ଏନ.ଏ)

ଦେଓଗାଁ ବ୍ଲକ ବନ୍ଧପଡାରେ ଭାଜପା ଜିଲା ଓବିସି ମୋର୍ଚ୍ଚା ତରଫରୁ ଗାଁ ଚାଲ, ଘର ଚାଲ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ଜିଲା ସଭାପତି ଅକ୍ଷୟ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଦିଲିପ ଖର୍ସେଲ ଯୋଗଦେଇଥିଲେ। ଚଳିତ ମାସ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତି ମଣ୍ଡଳସ୍ତରରେ ହେବାକୁ ଥିବା ଗାଁ ଚାଲ, ଘର ଚାଲ କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳିତ ହୋଇପାରିବ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକେ ସଚେତନ ହୋଇପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି ଦେବପ୍ରତାପ ଷାଣ୍ଢ, ଜ୍ୟୋତି ରାଉତ, ସାଧାରଣ ସମ୍ପାଦକ ନୀଳାଞ୍ଚଳ ନାଗ, ତେଜରାଜ ବେହେରା, ସମ୍ପାଦକ ଖଗେଶ୍ୱର ରଣା, କୋଷାଧ୍ୟକ୍ଷ ନିମାଇଁ ପ୍ରଧାନ ଡା. ଶଶୀଭୂଷଣ ସାହୁ, ଅମିତ କୁମାର ସିଂ ନିନା, ଚିନ୍ତାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ



ପୁଇଁତଲା ବ୍ଲକ୍ କଂଗ୍ରେସ କମିଟି ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା କଂଗ୍ରେସ ବରିଷ୍ଠ ନେତା ଓ କର୍ମୀ।

ବଲାଙ୍ଗୀର ଅଫିସ, ୨।୪

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ନର୍ସରୀଠାରେ ୧୯ ନମ୍ବର ଜୋନର ସକ୍ରିୟ କଂଗ୍ରେସ କର୍ମୀଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର ଯୋଗଦେଇ ଛାତ୍ର, ଯୁବକ, ମହିଳାମାନଙ୍କୁ ବୁଥସ୍ତରରୁ ସଙ୍ଗଠିତ କରି ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ସର୍ଜନ ବିଶ୍ୱାଳ, ପୁଇଁନ୍ତଲା ବ୍ଲକ ଆମ୍ବା ଅଧ୍ୟକ୍ଷ ଜ୍ୟୋତିଷ ମୁଗ୍ରୀ, ଯୁବନେତା ଶୁଭ୍ରାଂଶୁ ପଣ୍ଡା, ହରି ନନ୍ଦ, ବିନୋଦ ତାଣ୍ଡି, ମିନିକେତନ ପଧାନ, ବିନୋଦ କଲତା ବକ୍ତବ୍ୟ ରଖିଥିଲେ। ଯୁଗେଶ୍ୱର ପାଣ୍ଡେ, ଗୋପ ଡାଙ୍ଗ, ବିକ୍ରମ ଡାଙ୍ଗ, ହିମାଂଶୁ, ବଜରଙ୍ଗ ଅମାତ, ଗୋକୁଳା କୁଅଁର, ବିଧୁଭୂଷଣ ଅମାତ, ଅର୍ଜୁନ କାଲସାଏ, ରାମ କାଲସାଏ, ବସୁଦେବ ନାଏକ, ଦଶରଥ ଶତପଥୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବୈଠକରେ ଯୋଗଦାନ କରିଥିଲେ। ରଙ୍ଗାଧର ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୪୩ ୟୁନିଟ୍ ସଂଗ୍ରହ

**ପଦ୍ମପୁର, ୨।୪(ଡି.ଏନ.ଏ.):** ପଦ୍ମପୁର ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପଠାରେ କାଳୀ ମନ୍ଦିର କମିଟି ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ସେ କାଳୀ ମନ୍ଦିର ପରିସରରେ ଏକ ନଳକୂପ ଖନନ ପାଇଁ ଶୁଭ ଦେଇଥିଲେ। ସଭାପତି ଶିବରାମ ବୈକାର, କୋଷାଧ୍ୟକ୍ଷ ଗଜାନନ୍ଦ ଶର୍ମା, ବିନୋଦ ମିଶ୍ର ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଭଣ୍ଡାର ପରିଚାଳକ ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ ରକ୍ତ ସଂଗ୍ରହ କରିଥିଲେ। ସମ୍ପାଦକ ତାପସ ନାୟକ, ମୌସମ ପାଗଡା, ପପୁ ନାୟକ, ସୌମ୍ୟଜିତ ପାଢୀ, ଶିବାଶିଷ ପଟ୍ଟନାୟକ, ଈଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ।

### ପ୍ରାଣୀ ଚିକିତ୍ସା ଶିବିର

**ବରଗଡ଼ ଅଫିସ୍,୨।୪:** ଓଡ଼ିଶା ଦିବସ ଅବସରରେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଓ ସମଲେଶ୍ୱରୀ ସଂଘର ମିଳିତ ଆନୁକୂଲ୍ୟରେ ଜିଲାର ବିଭିନ୍ନ ଦୁଗ୍ଧ ଉତ୍ପାଦକ ସମବାୟ ସମିତିରେ ଗୋବନ୍ଧ୍ୟା, କୃମି ନିରାକରଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୦ ଗାଈ, ବାଛୁରୀଙ୍କ ଚିକିତ୍ସା କରାଯାଇଥିଲା ଏବଂ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନୀଳମଣି ଦୀପ, ସମଲେଶ୍ୱରୀ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡା. ସରୋଜ କୁମାର ସାହୁ, କନିଷ୍ଠ ପରିଚାଳକ ଡା. ସଞ୍ଜୀବ କୁମାର ଶତପଥୀ, ବରଗଡ଼ ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଉର୍ଲେ ରାମଲୀଳା**

### ସୀତା ବିବାହ, ପର୍ଶୁରାମ ଭେଟ

**ବିନିକା, ୨।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଉର୍ଲେ ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଏହିଦିନ ସୀତା ବିବାହ, ପର୍ଶୁରାମ ଭେଟ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ନାଟକରେ ଦଶରଥ ଭୂମିକାରେ ପ୍ରଶାନ୍ତ ପଣ୍ଡା, ଜନକ ଋଷି ପ୍ରକାଶ ପଣ୍ଡା, ପର୍ଶୁରାମ ସୀତାରାମ ପଣ୍ଡା, ବିଶ୍ୱାମିତ୍ର ଭୂମିକାରେ ପ୍ରମୋଦ ପଣ୍ଡା ଅଭିନୟ କରିଥିଲେ। ଗୀତଗୁଡ଼ିକ କଣ୍ଠଶିଳ୍ପୀ ପ୍ରସନ୍ନ ଷଡ଼ଙ୍ଗୀ ଗାନ କରିଥିଲେ।

# ମାତୃଭାଷା ସୁରକ୍ଷା, ବିକାଶକୁ ଗୁରୁତ୍ୱ

### ବରଗଡ଼ ଜିଲାସ୍ତରୀୟ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ ପାଳିତ




ଜିଲା ପ୍ରତିଷ୍ଠା, ଓଡିଶା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ବରଗଡ଼ ଅଫିସ,୨।୪**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ରବିବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଆମେ ସବୁ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ଭଲ । କିନ୍ତୁ ନିଜ ମାତୃଭାଷା ଓଡ଼ିଆକୁ ଭଲ ପାଇବା ତଥା ତାର ସୁରକ୍ଷା ଓ ବିକାଶ ଦିଗରେ ଚେଷ୍ଟା କରିବା ବିଧେୟ ବୋଲି ମୁଖ୍ୟଅତିଥି ଭୋଇ କହିଥିଲେ।

ଭଟଲି ଦଧିବାମନ କଲେଜର ଅଧ୍ୟାପକ ଚୂଡ଼ାମଣି ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହିତ ସ୍ୱତନ୍ତ୍ର ଜିଲା ଭାବେ ବରଗଡର କଳା, ସଂସ୍କୃତି ଓ ପରମ୍ପରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛି। ଏହାକୁ ବିକାଶ ଦିଗରେ ଆଗେଇ ନେବା ପାଇଁ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଜିଲାପାଳ ବାନାର୍ଜୀ ବରଗଡର ବିକାଶଧାରା ଉପରେ ଆଲୋଚନା କରି ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ପାଠ ପଢି ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାରପ୍ରାପ୍ତ ଶିକ୍ଷକ ଟଙ୍କଧର ପଧାନ ଓ ଦ୍ୱାଦଶ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିବାବେଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଉଦ୍‌ଯାପନୀ ସଙ୍ଗୀତ ଜନ୍ମଦାତ୍ରୀ ମାତୃଭୂମି ପରିବେଷଣ କରିଥିଲେ।

ଏହାପରେ ଜିଲା ସଂସ୍କୃତି ବିଭାଗ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ, ସମ୍ବଲପୁରୀ ଓ ଘୁଡୁକା ନୃତ୍ୟ ସହ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଦେଶବନ୍ଦନା ଗୀତି ଗାନ କରାଯିବା ସହିତ ସକାଳେ ଅତିଥିମାନେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଜିଲାର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ସହରର ବିଭିନ୍ନ ମୁଖ୍ୟମାର୍ଗରେ ଆକର୍ଷଣୀୟ ତୋରଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା।

## ଖ୍ରୀଷ୍ଟିୟାନ କାଉନସିଲ ପକ୍ଷରୁ ପାମ୍ ସନ୍ ଡେ ପାଳନ



ପାମ୍ ସନ୍ ଡେ ଅବସରରେ ବରଗଡ଼ରେ ଶୋଭାଯାତ୍ରା।

**ବରଗଡ଼ ଅଫିସ,୨।୪**

ବରଗଡ଼ ଜିଲା ଖ୍ରୀଷ୍ଟିୟାନ କାଉନସିଲ ପକ୍ଷରୁ ପାମ୍ ସନ୍ ଡେ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ବିଜୟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଖ୍ରୀଷ୍ଟିୟାନ କାଉନସିଲ୍‌ର ସମସ୍ତେ ରବିବାର ସକାଳୁ ସ୍ଥାନୀୟ ଗାନ୍ଧୀ ଛକ କଲ୍ୟାଣ ମଣ୍ଡପରେ ଏକାଠି ହୋଇଥିଲେ। ସେମାନେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ପୁଣି କଲ୍ୟାଣ ମଣ୍ଡପକୁ ଆସିଥିଲେ। ଶୋଭାଯାତ୍ରା ସମୟରେ ଯୀଶୁଙ୍କ ଗୁଣଗାନ କରାଯାଇଥିଲା। ପରେ ସ୍ଥାନୀୟ ଚର୍ଚ୍ଚରେ ପ୍ରାର୍ଥନା ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଜିଲା ଖ୍ରୀଷ୍ଟିୟାନ କାଉନସିଲ୍‌ର ସଭାପତି ଚନ୍ଦ୍ରଶେଖର ବାଗ ଯୀଶୁଙ୍କ ବିଜୟ ଯାତ୍ରା ଉପରେ ବକ୍ତବ୍ୟ ରଖିଥିବାବେଳେ ଜନ୍ ନିଉଟନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଖ୍ରୀଷ୍ଟିୟାନ କାଉନସିଲର ଉପସଭାପତି ପାଷ୍ଟର ବେଞ୍ଜାମିନ ନନ୍ଦ, ସହ ସମ୍ପାଦକ ଚନ୍ଦ୍ରମଣି ତାଣ୍ଡି, ଅମୂଲ୍ୟ ସୁନା, ସଞ୍ଜୟ ଦେହେରି, ସୁନୀଲ ସାଗର, ପ୍ରମୋଦ ଦାନିଏଲ, ସମସନ କୁମାର ପ୍ରମୁଖ ଯୋଗଦାନ କରିଥିଲେ।

## କ୍ରିକେଟ ଆସୋସିଏଶନ ପକ୍ଷରୁ ମେଗା ରକ୍ତଦାନ ଶିବିର

**ବୌଦ୍ଧ,୨।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ରକ୍ତଦାତା ଓ ବିଭିନ୍ନ ଅନୁଷ୍ଠାନର ଯୁବ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡା. ବିଜୟ କୁମାର ଦାସ, ଡା. ହେମ୍ବ୍ରମ, ଟେକନିସିଆନ ଚତୁର୍ଭୁଜ ବାରିକ, ଦେବଦତ୍ତ କିସାନ ରକ୍ତ ସଂଗ୍ରହ କରିଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ଯୁଗଳ କିଶୋର ସାମଲ, ଉପସଭାପତି ଲମ୍ବୋଦର ପୁରୋହିତ, କୋଷାଧ୍ୟକ୍ଷ ଭବେଶ କୁମାର ଯୋଶୀ ପ୍ରମୁଖ ଶିବିର ଆୟୋଜନ କରିଥିଲେ।

## ଦ୍ୱିତୀୟ ସ୍ଥାନ ଅଧିକାର କଲେ ବିଶ୍ୱରୂପା



ବିଶ୍ୱରୂପା ସାହୁଙ୍କୁ ସମ୍ମାନିତ କରାଯାଉଛି।

**ରାଜ୍ୟସ୍ତରୀୟ ବକ୍ତୃତା**

**ଅମରପାଲି, ୨।୪ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ବିଶ୍ୱରୁପା ସାହୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଶନିବାର ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସରେ ସମ୍ମାନୀତ କରାଯାଇଛି। ବିଧାନସଭା ବାଚସ୍ପତି ବିକ୍ରମକେଶରି ଆରୁଖଙ୍କ ସଭାପତିତ୍ୱରେ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ଅଶୋକ ପଣ୍ଡା, ଅଶ୍ୱିନି କୁମାର ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ସୂଚନା ଲୋକ ସମ୍ପର୍କ ସଚିବ ସଞ୍ଜୟ ସିଂ ପ୍ରମୁଖ ଯୋଗଦେଇ ବିଶ୍ୱରୂପାଙ୍କୁ ସମ୍ମାନୀତ କରିଥିଲେ । ବିଶ୍ୱରୂପା ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ। ସେ ବିଦ୍ୟାଳୟସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବିବେଚିତ ହୋଇଥିଲେ। ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନିଶାମୁକ୍ତ ଓଡିଶା ଓ ଦୁର୍ନିତିମୁକ୍ତ ଓଡିଶା ଶୀର୍ଷକ ପ୍ରତିଯୋଗୀତା ହୋଇଥିଲା।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବୌଦ୍ଧ ପ୍ରତିଯୋଗୀଙ୍କ ସଫଳତା

**ବୌଦ୍ଧ,୨।୪(ସ୍ୱ.ପ୍ର.)**



ବୌଦ୍ଧର ଟାଏକୋଣ୍ଡୋ ପ୍ରତିଯୋଗୀ।

ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ରାଜସ୍ଥାନସ୍ଥିତ କୋଟା ଠାରେ ଗତ ୨୮ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସ୍ତରୀୟ ୩୬ତମ ସବ୍‌ଜୁନିୟର କ୍ୟୁରୋଗୀ (ଫାଇଟ୍ ) ଓ ଦଶମ ସବ୍ ଜୁନିୟର ପୁମସେଇ ଏବଂ ପଞ୍ଚମ କ୍ୟାଡେଟ୍ କ୍ୟୁରୋଗୀ ଓ ପୁମସେଇ ପ୍ରତିଯୋଗିତାରେ ବୌଦ୍ଧ ଟାଏକୋଣ୍ଡୋ ସଂଘ ତରଫରୁ ୬ ଜଣ ପ୍ରତିଯୋଗୀ କୋଚ୍ ଅଜିତ୍ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିଲେ। ବାଳକ କ୍ୟାଡେଟ୍ ଗ୍ରୁପ୍ ପୁମସେଇ ବିଭାଗରେ ଶୁଭାଶିଷ ମହୀଶାଳ, ଅସ୍ମିତ କୁମାର ସାହୁ ଓ ସ୍ୱାଗତ ମିର୍ଦ୍ଧା ଏବଂ ବାଳିକା କ୍ୟାଡେଟ ଗ୍ରୁପ୍ ପୁମସେଇ ବିଭାଗରେ ଅନ୍ୱେଷା ସାହୁ, ସାଧନା ରାଣୀ ଜେନା ଓ ଚନ୍ଦ୍ରପୂଜିତା ମିଶ୍ର ଭାଗ ନେଇ ୬ଟି କାଂସ୍ୟ ପଦକ ହାସଲ କରିବା ସହିତ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ବୌଦ୍ଧ ଜିଲାର ଟାଏକୋଣ୍ଡୋ ଖେଳାଳିଙ୍କ ସଫଳତା ଲାଗି ସଭାପତି ଯଜ୍ଞେଶ୍ୱର ମିଶ୍ର ,ଉପସଭାପତି ବିଶ୍ୱରଞ୍ଜନ ସାହୁ ,ସମ୍ପାଦକ ତଥା କୋଚ୍ ଅଜିତ୍ କୁମାର ସାହୁ , ସହସମ୍ପାଦକ ଅରୁଣ କୁମାର ମେଣ୍ଡିଲି, ସଦସ୍ୟ ସନ୍ଧ୍ୟାରାଣୀ ମିଶ୍ର, ଅନିମା ସାହୁ , ବିଜୟ କୁମାର ସାହୁ, ତ୍ରିଲୋଚନ ବେହେରା, ଦେବାଶିଷ ଶତପଥୀ, ସୟ ମିର୍ଦ୍ଧା, ସୟ ନାୟକ, ତ୍ରିଲୋଚନ ଜେନା, ରାମଚନ୍ଦ୍ର ସାହୁ, ଲୋକନାଥ ମେହେର, ସଂଘର ଉପଦେଷ୍ଟା ଦେବାଶିଷ ପୁରୋହିତଙ୍କ ସମେତ ଓଡିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା କରିଛନ୍ତି। ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବୌଦ୍ଧର ଖେଳାଳିମାନଙ୍କ ସଫଳତା ପାଇଁ ଜିଲାର କ୍ରୀଡାପ୍ରେମୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

## ବୈଦ୍ୟନାଥ କର୍ଣ୍ଣଙ୍କୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ

**ସୋନପୁର,୨।୪(ନି.ପ୍ର.)**



ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା ସମ୍ମାନିତ କରୁଛନ୍ତି ।

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ଦିବସ ଓ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯିବା ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସୋନପୁର ବ୍ଲକ ଛକରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱତନ୍ତ୍ର ଜିଲାସ୍ତରୀୟ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଉପାଧ୍ୟକ୍ଷ ଝସକେତନ ବଘାର, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କର୍ଣ୍ଣଙ୍କୁ ମାନପତ୍ର ଓ ଚେକ୍ ପ୍ରଦାନ କରି ସମ୍ମାନିତ କରିଥିଲେ। କର୍ଣ୍ଣ ଦୀର୍ଘ ୩୪ ବର୍ଷ ଧରି ତରଭା, ବୀରମହାରାଜପୁର ଓ ସୋନପୁରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିଛନ୍ତି। ନିରଳସ, ନିଷ୍ଠାପାର, ସମୟାନୁବର୍ତ୍ତି ଓ ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ଖ୍ୟାତି ରହିଛି। ମାଧ୍ୟମିକ ସ୍କୁଲସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ ଓ ଗୁଣାତ୍ମକ କରିବା ଉପରେ ସେ ଗୁରୁତ୍ୱ ଦେଇ ଆସୁଥିଲେ। ସେ ସ୍କାଉଟ୍ ଏଣ୍ଡ ଗାଇଡସ୍‌ର ଜଣେ ସଫଳ ସଂଗଠକ ଭାବେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ପ୍ରଶଂସାର ପାତ୍ର ହୋଇଥିଲେ।

## ୫୭ ବର୍ଷରେ ଡିକୁଡ଼ା ଶ୍ରୀରାମ ନବମୀ

**ଅମରପାଲି,୨।୪(ଡି.ଏନ.ଏ)**

- ପ୍ରତ୍ୟହ ପରିବେଷଣ ହେଉଛି ଲୀଳାନାଟକ
- ଗ୍ରାମରେ ଆଧାତ୍ମିକ ପରିବେଶ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ମହଦା ପଞ୍ଚାୟତର ଡିକୁଡାଠାରେ ପାଳିତ ହେଉଥିବା ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ୫୭ ବର୍ଷରେ ପଦାର୍ପଣ କରିଛି। ଗ୍ରାମର ୬୫ଜଣ ବ୍ରତାଧାରୀ ନିଷ୍ଠାକାଷ୍ଠା ସହିତ ଏହାକୁ ପାଳନ କରୁଛନ୍ତି। ଦିନବେଳା ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି। ପ୍ରତ୍ୟହ ରାତ୍ରୀରେ ପରିବେଷଣ ହେଉଛି ଶ୍ରୀରାମ ଲୀଳା ନାଟକ। ଦୀର୍ଘ ୧୪ଦିନ ଧରି ଏହା ପରିବେଷଣ ହେବ। ପ୍ରଥମ ରଜନୀରେ ଶ୍ରୀରାମ ଜନ୍ମ ନାଟକ ପରିବେଷଣ ହୋଇଥିଲା। ଶନିବାର ଦ୍ୱିତୀୟ ରଜନୀରେ ତାଡକାସୁର ବଧ ମଞ୍ଚସ୍ଥ ହୋଇଛି। ପରବର୍ତ୍ତୀ ରଜନୀମାନଙ୍କରେ ଧନୁ ଭଗ୍ନ, ସୀତା ବିବାହ, ସୀତା ଚୋରୀ, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ ବଧ, ମହିରାବଣ ବଧ, ରାବଣ ବଧ, ରାମ ରାଜ୍ୟଭିଷେକ ଆଦି ଲୀଳା ନାଟକ କ୍ରମାନ୍ୱୟରେ ପରିବେଷଣ ହେବ। ଏଥିରେ ଇନ୍ଦ୍ରଜିତ ଓ ଦଶରଥ ଭୂମିକାରେ ଶତ୍ରୁଘ୍ନ ମିଶ୍ର, ରାମ ଭୂମିକାରେ ଦୀନବନ୍ଧୁ ମିଶ୍ର, ଲକ୍ଷ୍ମଣ ଭୂମିକାରେ ମାଗୁଣୀ ନାଏକ, କୃଷ୍ଣଚନ୍ଦ୍ର ମିଶ୍ର–ରାବଣ, କେଶବ ସାହୁ–ସୀତା, ଗଜାନନ ବେହେରା ହନୁମାନ ଭୂମିକାରେ ଅଭିନୟ କରୁଛନ୍ତି।



ଡିକୁଡା ଶ୍ରୀରାମ ଲୀଳାରେ ତାଡକା ବଧ ଅଭିନୟ କରୁଥିବା ଅଭିନେତାମାନେ।

## ବିକାଶ ଆବାସିକ ସ୍କୁଲରେ ଓଡ଼ିଶା ଦିବସ

**ବରଗଡ଼ ଅଫିସ୍,୨।୪**

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ଶନିବାର ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏବଂ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିବାବେଳେ ବକ୍ତୃତା ମଧ୍ୟ ଦେଇଥିଲେ। ଭାରତରେ ଓଡ଼ିଶାର ସ୍ଥାନ ଏବଂ ଓଡ଼ିଶାର ଉନ୍ନତିରେ ବରଗଡ଼ ଜିଲାର ଭୂମିକା ଉପରେ ଅଧ୍ୟକ୍ଷ ରାଉଳ ନିଜ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ବିକାଶ ଆବାସିକ ସ୍କୁଲରେ ଅନୁଷ୍ଠିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରଛାତ୍ରୀ।

## ସଂକ୍ଷେପରେ

### ରାଏବୋଗାରେ ପକ୍ଷୀମଡ଼କ



କୁଆଁରମୁଣ୍ଡା,୨।୪(ଡି.ଏନ.ଏ.): ଚଳିତ ଅସହ୍ୟ ଗ୍ରୀଷ୍ମ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ରାଏବୋଗା ଅଞ୍ଚଳରେ ପକ୍ଷୀମଡ଼କ ଆରମ୍ଭ ହୋଇଯାଇଛି। ମିଳିଥିବା ଖବର ଅନୁଯାୟୀ, ଗତ ଏକ ସପ୍ତାହ ଧରି ରାଏବୋଗା ଥାନା ସମ୍ମୁଖସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ କପୋତ, ଭଦଭଦଳିଆ ପକ୍ଷୀ ମରିପଡୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଭିନ୍ନ ଭିନ୍ନ ଆଲୋଚନା କରୁଥିଲେ ମଧ୍ୟ ପକ୍ଷୀମଡ଼କର କାରଣ ଜଣାପଡ଼ିନାହିଁ। ଏ ଦିଗରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଓଡ଼ିଆ ସ୍ୱାଭିମାନକୁ ବଞ୍ଚାଇ ରଖିବାକୁ ଆହ୍ୱାନ

ସୁନ୍ଦରଗଡ,୨।୪(ଡି.ଏନ.ଏ.): ସୁନ୍ଦରଗଡ଼ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ତରଫରୁ ଓଡିଶା ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଗୁଣନିଧି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସ୍ୱାଭିମାନକୁ ବଞ୍ଚାଇ ରଖି ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାରେ ସମସ୍ତଙ୍କ ସହଭାଗିତା ପାଇଁ ଆହ୍ୱାନ ଦେଇଥିଲେ। ହେମଗିରି ବ୍ଲକ ଡୁମୁଳିଆ ମାଣିକେଶରୀ ମହାବିଦ୍ୟାଳୟର ଅଧାପକ ସରୋଜ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା, ସଂସ୍କୃତିର ଗୌରବମୟ ଐତିହ୍ୟ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଶାର ବରପୁତ୍ର ମାନଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ରାମନାଥ ଡିଲାଙ୍କ ନିର୍ଦ୍ଦେଶନରେ ସୌମ୍ୟା ସହାୟ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆର ସଭା ପରିଚାଳନା କରିଥିବାବେଳେ ସୁଷମା ପଟେଲ, ଜିବେଶରି ପଟେଲ, ଚିରବ୍ରତ ଦତ୍ତ,ଲଳିତ ମୋହନ ଦାସ,ସନ୍ତୋଷ ପାଲ,ସୁରେଶ ପୃଷ୍ଟି,ଚନ୍ଦ୍ରମଣି ମିଶ୍ର, ବିଭୂତେନ୍ଦ୍ର ଠାକୁର, ଗଦାଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ ନବୀନ ପଟେଲ ସମେତ ଶତାଧିକ ସେବାନିବୃତ୍ତ ପ୍ରଶାସନିକ ଅଧିକାରୀ, ପ୍ରଧାନ ଶିକ୍ଷକ, କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଗୋପକୃଷ୍ଣ ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ ସୁନ୍ଦରଗଡ ଜିଲାର କବିକବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

# ଜବରଦଖଲ ଉଚ୍ଛେଦରେ ପ୍ରଶାସନର ପଛଘୁଞ୍ଚା

- ଷୋହଳ ବଖରୀ କଟା ଜବରଦଖଲ ପ୍ରସଙ୍ଗ
- ଜବରଦଖଲ ଚିହ୍ନଟର ଦୁଇ ମାସ ପୂରିଲା
- କଟା ଏରିଆ ଚିହ୍ନଟ କରି ପ୍ରଶାସନ ଚୁପ୍



ଦେବଗଡ଼, ୨।୪(ଡି.ଏନ୍.ଏ.)

ଦେବଗଡ଼ ସହର କଲେଜ ରୋଡ ଶନି ମନ୍ଦିର ନିକଟ ଷୋହଳ ବଖରି କଟା (ପୋଖରୀ) ଉନ୍ନତିକରଣ କରାଯାଉଛି। ହେଲେ ଏହି ପୋଖରୀର କିଛି ଜାଗାକୁ କେତେଜଣ ବ୍ୟକ୍ତି ଜବରଦଖଲ କରିରଖିଛନ୍ତି। ଫଳରେ ଆଗକୁ ଉନ୍ନତିକରଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବା ଆଶଙ୍କା ରହିଛି। ଏହି ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ୨ମାସ ପୂର୍ବେ ପୋଖରୀ ଏରିଆ ଚିହ୍ନଟ କରାଯାଇଥିଲା। ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ଜାଗା ଛାଡ଼ିବାକୁ କୁହାଯାଇଥିଲା। ସେମାନଙ୍କୁ ଦିଆଯାଇଥିବା ସମୟ ମଧ୍ୟ ଅତିକ୍ରମ ହୋଇଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇପାରିନାହିଁ। ଜବରଦଖଲ ଉଚ୍ଛେଦରେ ପ୍ରଶାସନର ପଛଘୁଞ୍ଚା ନୀତି ଦେଖିବାକୁ ମିଳିଛି। ଜବରଦଖଲକାରୀ ବ୍ୟକ୍ତିମାନେ ଉପର ସ୍ତରରେ ଚାପ ସୃଷ୍ଟି କରୁଛନ୍ତି। ଉପର ସ୍ତରରୁ ଚାପ ପଡ଼ିବା ଯୋଗୁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁନାହିଁ ବୋଲି ପ୍ରଶ୍ନ ଉଠୁଛି। ଯଦି ଉପରସ୍ତରରୁ ଚାପ ନାହିଁ ତେବେ ପ୍ରଶାସନ ପକ୍ଷରୁ ପୋଖରୀ ଜାଗାରୁ ଜବରଦଖଲ ଉଚ୍ଛେଦରେ ବିଳମ୍ବ କାହିଁକି ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଜାନୁୟାରୀ ୩୧ରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କଟା ନିକଟକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହିତ ଉକ୍ତ କାମକୁ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଫେବୃୟାରୀ ୩ରେ ତହସିଲଦାର ଏଜଲିନ ବାରା, ପୌର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଦେବଗଡ଼ ଆର୍‌ଆଇ ସଞ୍ଜିବ ବେହେରା, ବିଭାଗୀୟ ଏସଡିଓ ଚିତ୍ତରଞ୍ଜନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ପୋଖରୀର ୭ଏକର ୩୨ ଡିସିମିଲ ଏରିଆ ଥିବାବେଳେ କିଛି ଏରିଆ ସ୍ଥାନୀୟ ଲୋକେ ଜବରଦଖଲ କରିଥିବା ଜଣାପଡ଼ିଥିଲା। ପୂର୍ବତନ ପୌରାଧ୍ୟକ୍ଷାଙ୍କ ସମେତ ସ୍ଥାନୀୟ ଲୋକେ ପାଖାପାଖି ୨ରୁ ଊର୍ଦ୍ଧ୍ୱ ଏକର ଜବର ଦଖଲ କରିଥିବାବେଳେ ଏଥିରେ ଘର, ବଗିଚା, ପାଇଖାନା ଘର କରି ଦେଇଥିବା ଦେଖିବାକୁ ମିଳିଛି। ଫଳରେ ସେମାନେ ଜବରଦଖଲ ନ ଛାଡ଼ିବାକୁ ଉପରସ୍ତରରେ ଚାପ ପକାଉଛନ୍ତି ବୋଲି କୁହାଯାଉଛି। ଉକ୍ତ ଜବରଦଖଲ ଜାଗାର ମୂଲ୍ୟ ଆନୁମାନିକ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଯଦି ଉଚ୍ଛେଦ କରା ନ ଯାଏ, ତାହା ହେଲେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି।

ସୂଚନା ଥାଉ କି ସହର ମଧ୍ୟସ୍ଥଳୀରେ ଥିବା ଏହି କଟା (ପୋଖରୀ)ରେ ପୂର୍ବରୁ ଜଳସ୍ରୋତ ପ୍ରଚୁର ଥିବାରୁ ଆଖପାଖ ସାହିବାସିନ୍ଦାଙ୍କ କେବେବି ପାଣିର ଅସୁବିଧା ହେଉ ନ ଥିଲା। କିନ୍ତୁ ଦୀର୍ଘ ବର୍ଷ ହେବ ଏହି କଟା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଖରା ମାସରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। କିନ୍ତୁ ବର୍ତ୍ତମାନ ଉକ୍ତ ଷୋହଳ ବଖରି କଟା ଉନ୍ନତିକରଣ ପାଇଁ ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଛି। ଫଳରେ ସହରବାସୀ ଖୁସି ଥିବାବେଳେ ଉକ୍ତ କଟା କାମ ଶେଷ ହୋଇପାରୁନି। ଜବରଦଖଲ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି। ଜବରଦଖଲ କରିଥିବା ଲୋକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

### ସେମାନେ ଯାହା କହନ୍ତି...



"ଷୋହଳ ବଖରି କଟା ଉନ୍ନତିକରଣ ପାଇଁ ଏରିଆ ଚିହ୍ନଟ କରାଯାଇଛି। ଜବରଦଖଲ କରାଯାଇଥିବା ଏରିଆ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ କାହା ଚାପରେ ରହି ଉଚ୍ଛେଦ କରି ନାହିଁ ତାହା ସନ୍ଦେହ ଘେରରେ ରହିଛି। ଏହି ଘଟଣା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

**- ସୁଶୀଲ କୁମାର କପରଦାର, ସଭାପତି ଜିଲା ନାଗରିକ କମିଟି**



"ସହରବାସୀ ବାରମ୍ବାର ଦାବି କରିବା ପରେ କଟାର ଏରିଆ ଚିହ୍ନଟ କରାଯାଇଛି। କିନ୍ତୁ ଜବରଦଖଲ ହୋଇଥିବା ଏରିଆ ମୂଲ୍ୟ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପ୍ରଶାସନ ଓ ଜବରଦଖଲକାରୀଙ୍କ ଏହି ଲ୍ୟାଣ୍ଡ ସ୍କାମ ଭିତିରିଆ ସମ୍ପର୍କ ଥିବା ଜନସାଧାରଣରେ ମତ ପ୍ରକାଶ ପାଇଛି।

**- ଲକ୍ଷ୍ମଣ ପ୍ରଧାନ, ବରିଷ୍ଠ ନାଗରିକ**



"ଏଠି ଚାଲିଛି ରାଜନୀତି। ଦେବଗଡ଼ର ନିର୍ଦ୍ଦିଷ୍ଟ କେତେଜଣ ନେତା ଜବରଦଖଲକାରୀଙ୍କ ସହ ମିଶି ଜିଲା ପ୍ରଶାସନଙ୍କୁ ଚାପ ଦେଉଛନ୍ତି। ସହର ଉନ୍ନତିରେ ଏମିତି ବାଧା ସୃଷ୍ଟି କରିବା କେତେ ଦୂର ଠିକ ତାହା ସହରବାସୀ ଚିନ୍ତା କରିବା ସମୟ ଆସିଛି। ତୁରନ୍ତ ଉଚ୍ଛେଦ ନ କରିଲେ ଆନ୍ଦୋଳନ କରାଯିବ।

**-ମନୋଜ କୁମାର ପାଢ଼ୀ, ବରିଷ୍ଠ ଆଇନଜୀବୀ**



"ଷୋହଳ ବଖରି କଟାର ସୌନ୍ଦର୍ଯ୍ୟକରଣ ଯୋଗୁ ସହରର ପର୍ଯ୍ୟଟନ ଶିଳ୍ପ ସମ୍ପ୍ରସାରଣ ହେବ। ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ତାଙ୍କୁ ଉଚ୍ଛେଦ ନିହାତି ଜରୁରୀ। ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏହା ଦେବଗଡର ଭବିଷ୍ୟତ ଐତିହ ପାଇଁ ଦରକାର।

**- ପ୍ରଭାସ ଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ**

# ବନାନୀ ସାହିତ୍ୟ ସଂସଦ ତରଫରୁ ଓଡ଼ିଶା ଦିବସ



ବନାନୀ ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ମଞ୍ଚାସୀନ ଅତିଥି।

ଲହୁଣୀପଡ଼ା,୨।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜାଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବନାନୀ ସାହିତ୍ୟ ସଂସଦ ତରଫରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦର୍ଜାଂ ସରପଞ୍ଚ ସିଂ ରାୟ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ମହେଶ କୁମାର ମଣ୍ଡଳ, ଜୟଦେବ ମାହାନ୍ତ, ଦୈତାରୀ ମାହାନ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରଞ୍ଜନ କୁମାର ପତି ଯୋଗ ଦେଇଥିଲେ। ହରିହର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ସଂସଦ ସମ୍ପାଦକ କୁମାର ଗୌତମ ବାରିକ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନ ଓ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

### ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇଲେ ଲୋକେ

ବେଲପାହାଡ,୨।୪(ଡି.ଏନ.ଏ.)

**ନିଆଁରେ ଜଳିଯାଇ ମହିଳା ଗୁରୁତର ଘଟଣା**

ବେଲପାହାଡ଼ ଗୁମାଡେରା ଅଞ୍ଚଳ ମାଳିପଡ଼ାରେ ରହୁଥିବା ଜଣେ ମହିଳା ନିଆଁରେ ଜଳିଯାଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୁମାଡେରା ମାର୍ଲିପଡ଼ାର ମନୋଜ ମାଝୀଙ୍କ ସ୍ତ୍ରୀ ନିରୁପମା (୨୯)। ମାର୍ଚ୍ଚ ୨୯ ସନ୍ଧ୍ୟାରେ ନିରୁପମା ରୋଷେଇ ପାଇଁ ଘର ବାହାରେ ଥିବା କୋଇଲା ଚୁଲାକୁ ଘର ଭିତରକୁ ଆଣୁଥିଲେ। ଏହି ସମୟରେ ନିରୁପମାଙ୍କ ଅସାବଧାନତା ହେତୁ ପିନ୍ଧା ଲୁଗାରେ ନିଆଁ ଲାଗି ତାଙ୍କ ଶରୀର ୪୦ ପ୍ରତିଶତ ଭାଗ ଜଳିଯାଇଥିବା ଜଣାପଡ଼ିଛି। ନିରୁପମାଙ୍କୁ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ଅର୍ଥାଭାବ ଚିକିତ୍ସାରେ ବାଧକ ହୋଇଛି। ପୂର୍ବତନ ୱାର୍ଡ କାଉନସିଲର ରଞ୍ଜିତା ବିଶ୍ୱାଳ ଓ ସ୍ଥାନୀୟ ମହିଳା ସହଯୋଗର ହାତ ବଢ଼ାଇଛନ୍ତି। ସେମାନେ ସ୍ଥାନୀୟ ଲୋକଙ୍କଠାରୁ ୪୮୦୦ ଟଙ୍କା ସଂଗ୍ରହକରି ଗୁରୁତର ମହିଳାଙ୍କ ଚିକିତ୍ସା ପାଇଁ ଦାନ କରିବା ସହ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ରଞ୍ଜିତାଙ୍କ ସମେତ ଜ୍ୟୋତ୍ସ୍ନାମୟୀ ସେଠ, ପ୍ରତିମା କିଶାନ, ଲଳିତା କିଶାନ, ମୀନା କିଶାନ, ବିନ୍ଦୁ ଭୁଏ, ମମତା ମାଇତୀ, ରୁନୁ ବର୍ଗତି, ରୁବୀ ବେଜ, ସୁକାନ୍ତି ମିର୍ଦ୍ଧା, ପୂର୍ଣ୍ଣମୀ କିଶାନ, ସୁନିତା ନାଏକ, ମଙ୍ଗରା କିଶାନ ପ୍ରମୁଖ ଅର୍ଥ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି।

# ରୋଗୀଙ୍କ ସମ୍ପର୍କୀୟ, ଗରିବଙ୍କୁ ୫ଟଙ୍କାରେ ଆହାର

- 'ହାପି ଟୁ ହେଲ୍ପ ଫାଉଣ୍ଡେସନ'ର ଅଭିନବ ପ୍ରୟାସ
- ସହଯୋଗର ହାତ ବଢ଼ାଇଲେ ଜିଲାପରିଷଦ ସଦସ୍ୟା



ହାପି ଟୁ ହେଲ୍ପ ଫାଉଣ୍ଡେସନ କର୍ମକର୍ତ୍ତାଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଦେବଗଡ଼, ୨।୪(ଡି.ଏନ.ଏ.)

ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କ ସମ୍ପର୍କୀୟ/ସହାୟକ ଏବଂ ଗରିବ ଲୋକଙ୍କ ପାଇଁ ସ୍ଥାନୀୟ ସାମାଜିକ ଅନୁଷ୍ଠାନ 'ହେପି ଟୁ ହେଲ୍ପ ଫାଉଣ୍ଡେସନ' ଗତ ରବିବାରଠାରୁ ୫ଟଙ୍କିଆ ମିଲର ବ୍ୟବସ୍ଥା ଶୁଭାରମ୍ଭ କରିଥିଲା। ରବିବାର ଏହା ଦ୍ୱିତୀୟ ପାଳିରେ ପହଞ୍ଚିଥିବାବେଳେ ଗତପାଳି ଭଳି ରବିବାର ମଧ ବହୁ ରୋଗୀଙ୍କ ସମ୍ପର୍କୀୟ/ସହାୟକ ଏବଂ ଗରିବ ଲୋକ ଏହାର ଲାଭ ଉଠାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ 'ହେପ୍ପି ଟୁ ହେଲ୍ପ ଫାଉଣ୍ଡେସନ'ର ଏଭଳି ଅଭିନବ ପ୍ରୟାସକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଥିପାଇଁ ଜିଲାର ଜଣେ ପରେ ଜଣେ ସହଯୋଗର ହାତ ବଢାଉଥିବା ଦେଖିବାକୁ ମିଳିଛି। ଗତ ୨୬ ତାରିଖ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖସ୍ଥ ଆହାର କେନ୍ଦ୍ର ସମ୍ମୁଖରେ 'ହେପ୍ପି ଟୁ ହେଲ୍ପ ଫାଉଣ୍ଡେସନ' ପକ୍ଷରୁ ଏହି ଅଭିନବ ୫ଟଙ୍କିଆ ମିଲର ବ୍ୟବସ୍ଥା କରାଯାଇଥିବାବେଳେ ଏହାକୁ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ସମର୍ଥନ କରିବା ସହ ପ୍ରଶଂସା ମଧ କରିଥିଲେ। କେବଳ ଏତିକି ନୁହେଁ, ଏଥି ନିମନ୍ତେ ଫାଉଣ୍ଡେସନକୁ ସହଯୋଗର ହାତ ବଢାଇବା ସହ ନିଜର ଏକ ବର୍ଷର ପାରିଶ୍ରମିକ ୬୦ ହଜାର ଟଙ୍କା ପ୍ରଦାନ କରିଥିଲେ। ୨ ତାରିଖ ତିଲେଇବଣିର ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିବା ସହ ନିଜେ ୫ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ଆଜିର ୫ଟଙ୍କିଆ ମିଲବିତରଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ସାମଲଙ୍କ ସମେତ ତିଲେଇବଣି ବ୍ଲକର ପୂର୍ବତନ ଅଧକ୍ଷା ବିଭୂତି ଗଙ୍ଗଦେବ ଏବଂ 'ହେପ୍ପି ଟୁ ହେଲ୍ପ ଫାଉଣ୍ଡେସନ' ର ପ୍ରାୟ ସମସ୍ତ ଉପଦେଷ୍ଟା ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ରୋଗୀଙ୍କ ସମ୍ପର୍କୀୟ/ସହାୟକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ଆହାର କେନ୍ଦ୍ର ଖୋଲା ଯାଇଛି। ମାତ୍ର ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ରବିବାର ଏହି ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀଙ୍କ ସମ୍ପର୍କୀୟ/ସହାୟକଙ୍କ ଖାଇବାରେ ସମସ୍ୟା ଦେଖାଦେବା ସହ ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ଏଣୁ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସାମାଜିକ ଅନୁଷ୍ଠାନ 'ହେପ୍ପି ଟୁ ହେଲ୍ପ ଫାଉଣ୍ଡେସନ' ଅଭିନବ ପ୍ରୟାସ ଆପଣାଇବା ସହ ସେମାନଙ୍କ ନିମନ୍ତେ ଏହି ୫ ଟଙ୍କିଆ ମିଲର ବ୍ୟବସ୍ଥା କରିଛି। ଏହି ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ରବିବାର ରୋଗୀଙ୍କ ସମ୍ପର୍କୀୟ/ସହାୟକ ଓ ଗରିବ ଲୋକଙ୍କ ପାଇଁ ଅନ୍ୟୁନ ୨୦୦ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଆବଶ୍ୟକ ପଡିଲେ ଆଗାମୀ ଦିନରେ ଏହାର ସଂଖ୍ୟା ୩ ଶହକୁ ମଧ ବୃଦ୍ଧି କରାଯିବ ବୋଲି ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜ ପ୍ରକାଶ କରିଛନ୍ତି। ଏହି ଯୋଜନା ଅନୁଯାୟୀ ମାତ୍ର ୫ଟଙ୍କା ଜମା କଲେ ଭାତ, ଡାଲମା ଏବଂ ଆଚାର ଯୋଗାଇ ଦିଆଯାଉଛି।

# କୁତ୍ରାରେ ବ୍ଲକସ୍ତରୀୟ ଓଡ଼ିଶା ଦିବସ




କୁତ୍ରାରେ ବ୍ଲକସ୍ତରୀୟ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୁତ୍ରା, ୨।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କଳ ଦିବସ ପରିଚାଳନା କମିଟି ପକ୍ଷରୁ ୮୮ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଥମେ କୁତ୍ରା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଉତ୍କଳ ଦିବସ ପରିଚାଳନା କମିଟିର ସଦସ୍ୟମାନେ ସ୍କୁଲ ପରିସରରୁ ଶୋଭାଯାତ୍ରାରେ ବାହାରି ୧୦ ନମ୍ବର ରାଜ୍ୟ ରାଜପଥ ଦେଇ କୁତ୍ରା ଗ୍ରାମ ପରିକ୍ରମା କରିଥିଲେ। ତହସିଲ କାର୍ଯ୍ୟାଳୟ,ବ୍ଲକ କାର୍ଯ୍ୟାଳୟ ଓ ସ୍କୁଲ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଉତ୍କଳ ଦିବସ ପରିଚାଳନା କମିଟିର ସଭାପତି ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠି, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବିସିକେଶନ ସାହୁ, ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ଅଧକ୍ଷା କଳ୍ପନା ପାଣିଗ୍ରାହୀ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀନାରାୟଣ, କୁତ୍ରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ସାସନୀ, ସମାଜସେବୀ ଶଙ୍କର ପ୍ରସାଦ ଟପ୍ପୋ, ପୂର୍ବତନ ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ସଂସ୍କୃତି, ପରମ୍ପରା ରକ୍ଷା କରିବା ପାଇଁ ନୃତ୍ୟ ମାଧ୍ୟମରେ ବୁଝାଇବା ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ବିଭୀଷଣ ବାରିକ ସଭା ପରିଚାଳନା କରିଥିଲେ। ରବୀନ୍ଦ୍ର ପଣ୍ଡା, ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ, ରାଜେଶ ସାହୁ, ଦିଲୀପ ବେହେରା, ବଜରଙ୍ଗ କେଶରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାରୀ ଜାଗ୍ରତ ହେଲେ ସମାଜ ସଂସ୍କାରିତ ହେବ

**ସୁନ୍ଦରଗଡ଼ରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ**

ସୁନ୍ଦରଗଡ଼,୨।୪(ଡି.ଏନ.ଏ.)

ନାରୀ ଜାଗ୍ରତ ହେଲେ ସମାଜ ସଂସ୍କାରିତ ହେବ। ନାରୀ ହିଁ ସମାଜ ପରିବର୍ତ୍ତନର ଆଧାର। ଚଳିତବର୍ଷକୁ ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ନାରୀ ସଶକ୍ତିକରଣ ବର୍ଷ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଶଙ୍କରା ଖେଳପଡ଼ିଆଠାରେ ଆରମ୍ଭ ହୋଇଛି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ସୁନ୍ଦରଗଡ଼ ଗାୟତ୍ରୀ ପ୍ରଜ୍ଞାପୀଠଠାରୁ ମହିଳାମାନଙ୍କ ଦ୍ୱାରା ସମଲେଇ ମନ୍ଦିର ଏବଂ ଶଙ୍କରା ମହାଯଜ୍ଞ ସ୍ଥଳ ପର୍ଯ୍ୟନ୍ତ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ। ଦ୍ୱିତୀୟ ଦିବସରେ ରବିବାର ସାମୂହିକ ଜପ, ଧ୍ୟାନ, ସାଧନା, ଦେବ ଦମ୍ପତିଙ୍କ ଦ୍ୱାରା ଦେବ ପୂଜନ ଓ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନାରୀଜାଗରଣ ସମ୍ପର୍କୀତ କଥାମୃତ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେହ ଋଷି ପ୍ରଣୀତ ଷୋଡଶ ସଂସ୍କାର କାର୍ଯ୍ୟକ୍ରମ ସହ ନାରୀ ଜାଗରଣ ସମ୍ପର୍କୀତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ମହାଯଜ୍ଞରେ ସୁନ୍ଦରଗଡ଼ ସମେତ ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ, ରାଉରକେଲା, ବରଗଡ଼ ଅଞ୍ଚଳରୁ ବହୁ ସଂଖ୍ୟାରେ ଗାୟତ୍ରୀ ପରିବାର ଓ ଦେବଦମ୍ପତିମାନେ ଯୋଗ ଦେଇଛନ୍ତି। ହରିଦ୍ୱାର ଶାନ୍ତିକୁଞ୍ଜରୁ ରାଜକୁମାର ଭୃଗୁ ଓ ଭୁବନେଶ୍ୱର ଆଞ୍ଚଳିକ ଶାଖାର ସଂଯୋଜକ ବଳରାମ ସାହୁ ଗୌତମଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଦଳ ଯୋଗଦେଇ ମହାଯଜ୍ଞ ସଞ୍ଚାଳନ କରୁଛନ୍ତି। ସୁନ୍ଦରଗଡ଼ର ରାଜମାତା ପଦ୍ମିନୀ ଶେଖର ଦେଓଙ୍କ ସମେତ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ସୁନ୍ଦରଗଡ଼ ଗାୟତ୍ରୀ ଟ୍ରଷ୍ଟର କର୍ମକର୍ତ୍ତା ସ୍ନେହଲତା ପଟେଲ, ବିଚିତ୍ର ସାହୁ, ବନମାଳୀ ନାଏକ, ଭାରତୀ ଠାକୁର, ଯୋଗଜନ୍ମା ପଟେଲ ପ୍ରମୁଖ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି।







ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପ୍ରଜ୍ଞାପୀଠର କର୍ମକର୍ତ୍ତା ମଞ୍ଚାସୀନ ଓ ମହାଯଜ୍ଞ ସ୍ଥଳ।

## ୨୪ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲାସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ୨୪ ପ୍ରହର ନାମଯଜ୍ଞ ପାଇଁ କମିଟି ସଭାପତିଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୭ରେ ଅଧିବାସ, ୮ରେ ନାମଯଜ୍ଞ ଏବଂ ୧୧ ତାରିଖରେ ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ହେବାକୁ ଥିବା ବେଳ ଏହି ଯଜ୍ଞରେ ୧୨ଟି ନାମ ସଂକୀର୍ତ୍ତନ ଦଳ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଜିଲାରୁ ଅଂଶ ଗ୍ରହଣ କରିଥିବା ସ୍ଥିର ହେଇଛି। ସୁରୁଖୁରୁରେ ପରିଚାଳନା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ନର୍ଲା ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଖଡ଼ିଆଳ,୨।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତ ସମାଡପଦର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ରୋହିତ ମାଝି (୪୫)। ପ୍ରକାଶ ଯେ, ରୋହିତ ଜଣେ ଦିବ୍ୟାଙ୍ଗ। ରୋହିତ ଓ ତାଙ୍କ ପୁଅ ପୂର୍ବାହ୍ନ ୧୧ଟାରେ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା। ତାଙ୍କର ଡାହାଣ ଗୋଡ଼ରେ ବହୁତ ଆଘାତ ଲାଗିଛି। ଭାଲୁ ଆକ୍ରମଣ ପରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ପରିବାର ଗୋଟିଏ ଦିବ୍ୟାଙ୍ଗ ଓ ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କେସିଙ୍ଗା,୨।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ପଡାଠାରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ଗତ ଗୁରୁବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରାରେ ଓ ଅଧିବାସ କରାଯାଇ ଥିଲା। ଶୁକ୍ରବାର ସକାଳେ ନାମାରମ୍ଭ ଓ ଶନିବାର ନାମଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମରେ ଭବାନୀପାଟଣାର ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ସମେତ ବହୁ ବିଜେଡି ନେତାମାନେ ସାମିଲ ହୋଇଥିଲେ। ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏଥିରୁ ବାଲସି ଓ ଭମରମାଲ ଗ୍ରାମର ଦୁଇଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଦର୍ଶକଙ୍କୁ ମନମୋହିତ କରିଥିଲେ। ଦର୍ଶକମାନେ ଏହି ମହିଳାର ଝିଅମାନଙ୍କ ନାଚ ଓ ଅଭିନୟରେ ଦର୍ଶକମାନେ ମନମୁଗ୍ଧ ହୋଇ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀରେ ସଂକୀର୍ତ୍ତନ ମଣ୍ଡଳୀ ସହ ଦଧିଭାଣ୍ଡ ଧରି ଗ୍ରାମ ପ୍ରରିକ୍ରମା କରିଥିଲେ। ପୂଜା କର୍ତ୍ତା ଭାବେ ରବୀନ୍ଦ୍ର ସାହୁ ଓ ମାଗୁରୀ ସାହୁ ଏବଂ ପୂଜକ ଭାବେ ମଣ୍ଟୁ କର ଓ ଧନବନ୍ତ କର ପୂଜା ସମ୍ପାଦନା କରିଥିଲେ। ଏହି ପୂଜାରେ କ୍ଷମା ସାଗର ସାହୁ, ଭାବନୀ ସାହୁ, ଡିସମ୍ବର ସାହୁ, କରୁଣା କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମନବମୀ ମେଳା ପାଳିତ

**ଖଡ଼ିଆଳ,୨।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମଠାରେ ଶ୍ରୀ ରାମ ନବମୀ ମେଳା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରବଚକ ମୋହନ ଚରଣ ଦାସଙ୍କ ଦ୍ୱାରା ଶ୍ରୀ ରାମ କଥାର ଆୟୋଜନ ହୋଇଥିଲା। ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା, ରାମ କଥାମୃତ ଓ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ସୁବାଷ ଭାଇ, ଡିଗ୍ରୀ ସା, ଜ୍ୟୋତ୍ସ୍ନା ରାଉତରାୟ, ସଂଯୁକ୍ତା ପ୍ରଧାନୀ ଥିବାବେଳେ ବାଦ୍ୟଯନ୍ତ୍ରରେ କିରଣ ବାରିକ, ମାଧବ କାଣ୍ଡ, ପବିତ୍ର ଦଣ୍ଡସେନା ସହଯୋଗ କରିଥିଲେ। ଶ୍ରୀରାମ କଥା ଶ୍ରବଣ କରିବା ପାଇଁ ପାଖ ପୋଡ଼ଶୀ ଗ୍ରାମରୁ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀ ରାମ ନବମୀ ମେଳା ନେହେନା ସରପଞ୍ଚ ଅଶୋକା ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରାମ ନବମୀ ପାଳନ କମିଟି ସଦସ୍ୟ ଦୁଃସାସନ ଥନାପତି, ଅନିଲ ଦଣ୍ଡସେନା, ଧୀରେନ୍ଦ୍ର ଦଣ୍ଡସେନା, ରୁଦ୍ରମାଧବ ରାଉତରାୟ, ମନୋଜ ସୁନାନୀ, ସୁଶାନ୍ତ ବିଶି, ପବିତ୍ର, ବିଶ୍ୱ ରଞ୍ଜନ ଦଣ୍ଡସେନା, ନିତାଇ ବିଶି, କୃପାସିନ୍ଧୁ ବାରିକଙ୍କ ସମେତେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ରାମନବମୀ ମେଳା ଖଡ଼ିଆଳ ଅଞ୍ଚଳର ସର୍ବପୁରାତନ ଅନୁଷ୍ଠାନ ୧୯୨୮ରୁ କ୍ରମାଗତ ଭାବେ ରାମ ନବମୀ ପାଳିତ ହୋଇଆସୁଛି।

## ମା' ଡୋକରିବୁଢି କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ ଶୁଭାରମ୍ଭ

**ଖଡ଼ିଆଳ,୨।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ସୁନାରୀ ସିକୁଆଁ ଗ୍ରାମର ମା' ଡୋକରିବୁଢି କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂତନ ନାଟକ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଯୋଗଦେଇ ନାଟକର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନବଘନ ଦାସ, ଗ୍ରାମର ଗହଁଟିଆ ଜଗନ୍ନାଥ ବୈଠାରୁ, ରାତ୍ର ନନ୍ଦ ମନହିରା, ଗ୍ରାମ ଝାଁକର କେଶବ ଭୋଇ, ଦୁର୍ବଳ ବୈଠାରୁ, ମନୋଜ ମାଝି, ନାଟ୍ୟଗୁରୁ ହିତେଶ କୁମାର ବୈଠାରୁ ମଞ୍ଚାସୀନ ଥିଲେ। ଟଙ୍କଧର ବୈଠାରୁ ମଞ୍ଚ ପରିଚାଳନା କରିଥିଲେ। ବର୍ତ୍ତମାନ ଗ୍ରାମାଞ୍ଚଳରେ ନାଟକ ହେଉଛି ମନୋରଞ୍ଜନର ଏକ ମାଧ୍ୟମ ତା ସହିତ କଳାକାରମାନଙ୍କର ଗୋଟିଏ ବାଣିଜ୍ୟିକ କାରବାର। ରାଜ୍ୟ ସରକାର ମଧ କଳାକାରମାନଙ୍କ ପାଇଁ ଅନେକ ଯୋଜନା କରିବା ସହିତ କଳାକାର ଭତ୍ତା ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ।

# ଅବ୍ୟବସ୍ଥାରେ କେସିଙ୍ଗା ମୁଖ୍ୟ ପୋଷ୍ଟ ଅଫିସ

କେସିଙ୍ଗା,୨।୪(ଡି.ଏନ.ଏ.)

- ୧୦ ବର୍ଷ ହେଲା ଷ୍ଟାଫ ଘର ଖାଲିପଡ଼ିଛି
- ମରାମତି ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା
- କାମକୁ ଆସୁନି ଷ୍ଟାଫ କ୍ୱାର୍ଟର
- ମାସକୁ ୧୦ ଦିନ ଲିଙ୍କ ରହୁନି



କେସିଙ୍ଗା ମୁଖ୍ୟ ଡାକଘର।

କଳାହାଣ୍ଡି ଜିଲା କେସିଙ୍ଗା ମୁଖ୍ୟ ପୋଷ୍ଟ ଅଫିସ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୋଷ୍ଟ ଅଫିସ ଦିନକୁ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଓ ଅବହେଳା ଯୋଗୁ ଅବ୍ୟବସ୍ଥା ଲାଗି ରହିଛି। ମାସକୁ ୧୦ ଦିନ ଲିଙ୍କ ରହୁ ନ ଥିବାରୁ କାମରେ ବ୍ୟାଘାତ ସୃଷ୍ଟି ଦେଖାଯାଉଛି। କୌଣସି କାରଣରୁ ବିଦ୍ୟୁତ୍ ଗଲେ କାମ ବନ୍ଦ ହୋଇଯାଉଛି। ଅଫିସ ପରିସରରେ ଥିବା ୩ଟି ଷ୍ଟାଫ ଘର କାମକୁ ଆସୁନି। ୧୦ ବର୍ଷରୁ ଅଧିକ ହେଲା ଖାଲି ପଡ଼ିବାରୁ ଘରଗୁଡ଼ିକ ପାଲଟିଛି ଭୁତ କୋଠୀ। ପାଣିର ସୁବିଧା ନ ଥିବାରୁ କୌଣସି ଷ୍ଟାଫ ରହୁନାହାନ୍ତି ବୋଲି ଶୁଣିବାକୁ ମିଳୁଛି। ହେଲେ ୨ ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଷ୍ଟାଫ ଘରଗୁଡ଼ିକୁ ମରାମତି କରାଯାଇଥିଲା। ଗ୍ରାହକମାନଙ୍କ ପାଇଁ ଶୌଚାଳୟ ଗୋଟିଏ ନାହିଁ। ପାଇପ ପାଇଁ ପାଣିର କୌଣସି ସୁବିଧା ନାହିଁ। ଲୋକେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ମାସ ତଳେ ଡାକ ବିଭାଗର ସୁପରିଟେଣ୍ଡେଣ୍ଟ କେସିଙ୍ଗା ମୁଖ୍ୟ ଡାକଘର ପରିଦର୍ଶନ ଆସିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହି ସବୁ ବିଷୟ ଉପରେ ଅଭିଯୋଗ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୋଷ୍ଟ ଅଫିସ ଭିତରେ ଥିବା ଗୋଟିଏ କୁଅ ରକ୍ଷଣବେକ୍ଷଣ ଅଭାବରୁ ଅନୁପଯୋଗୀ ହୋଇଯାଇଛି। ୩ ବର୍ଷରୁ ଅଧିକ ହେଲା ବାହାରେ ଜେନେରେଟର ପଡ଼ି ଉଇ ଖାଇଲାଣି। ଟଙ୍କା ଗଣିବା ମେଶିନ ପୁରୁଣା ହୋଇଯାଇଥିବାରୁ ବହୁତ ଅସୁବିଧା ହେବା ସହ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ଖାତା ପ୍ରିଣ୍ଟ ହେଇ ପାରୁନାହିଁ ବୋଲି ଅଭିଯୋଗ ଆସୁଛି। ଏମିତି ଅନେକ ସମସ୍ୟା କେସିଙ୍ଗା ପୋଷ୍ଟ ଅଫିସରେ ଦେଖିବାକୁ ମିଳୁଛି। କେସିଙ୍ଗାରେ ଥିବା ଡାକ ଇନ୍ସପେକ୍ଟର ସିଂବାବୁଙ୍କୁ ପଚାରିଲେ ମୁଁ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇ ଦେଇଛି ବୋଲି କହି କଥାକୁ ଆଡାଇ ଦେଇଛନ୍ତି। ଅତିଶୀଘ୍ର କେସିଙ୍ଗା ପୋଷ୍ଟ ଅଫିସ ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

# ପୁଣି ଏକ ଗାଈକୁ ଖାଇଲା କଲରାପତରିଆ



ବାଘ ଖାଇଥିବା ଗାଈ।

ନୂଆପଡ଼ା ଅଫିସ,୨।୪

ନୂଆପଡା ଜିଲା କୋମନା ବନାଞ୍ଚଳ ତରବୋଡ ସେକସନ ସିଆଲଲଟି ବିଟ ବେଲରଦନା ଗାଁରେ ପୁଣି ଏକ ଗାଈକୁ ମାରି ଖାଇଛି କଲରାପତରିଆ। ଗାଁ ପାଖ ବଙ୍ଗାଘାଟି ଜଙ୍ଗଲ ଭିତରେ ଗାଈର ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଗାଈର ତଣ୍ଟିରେ ଆଘାତ ଲାଗିଥିବାବେଳେ ପେଟକୁ ଫାଡି ଦେଇଛି।

ପ୍ରାପ୍ତ ସୂଚନା ମୁତାବକ ଶନିବାର ସନ୍ଧ୍ୟାରେ ବେଲଦନା ଗାଁର ଅର୍ଜୁନ ଧରୁଆ ଗାଈ, ବାଛୁରୀ, ଛେଳି, ମେଣ୍ଢା ଗୁହାଳରେ ବାନ୍ଧି ରଖିଥିଲେ। ସକାଳେ ଉଠି ଦେଖିବା ବେଳକୁ ଗୁହାଳରେ ଗୋଟିଏ ଗାଈ ନ ଥିଲା। ପରିବାର ଲୋକେ ବହୁତ ଖୋଜାବା ପରେ ଗାଁ ପାଖ ବଙ୍ଗାଘାଟି ଜଙ୍ଗଲ ଭିତରେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବାରୁ ଗାଈର ଶରୀରରେ କ୍ଷତବିକ୍ଷତ କରି ଖାଇ ଦେଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଗାଈକୁ ବାଘ ଶିକାର କରିଥିବା ଗାଁ ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ପଡିଥିବା ଅଳ୍ପ ଦୂରରେ ୨ଜଣ ମହୁଲଫୁଲ ଗୋଟାଉ ଥିବା ସମୟରେ ଗାଈର ମୃତଦେହ ପାଖକୁ ପୁଣି ବାଘ ଆସିବାରୁ ସେମାନେ ଜୀବନ ବିକଳରେ ଛାଡି ପଳାଇ ଆସିଥବା କହିଛନ୍ତି। ବେଲରଦାନା ଗାଁରେ ଗାଈକୁ ବାଘ ଖାଇବା ଖବର ପାଇଁ କୋମନା ବନ ବିଭାଗ ପକ୍ଷରୁ ଫରେଷ୍ଟର ଗୋପାଳ ମହାନନ୍ଦ, ଜୟଲାଲ ପ୍ରକାଶ ଶୁକ୍ଲା, ଫରେଷ୍ଟ ଗାର୍ଡ ବିଜୁଳ କୁମାର ରାଉତ ରାୟ, ଉତ୍ତମ ମେହେର, ପାରେଶ ଧରୁଆ, ଜୟଦେବ ସାହୁ, ସୁରେନ୍ଦ୍ର ନିଆଲ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ସହ ବାଘର ଗତିବିଧି ଉପରେ ଅନୁଧ୍ୟାନ କରୁଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହରେ ୨୫ କି.ମି. ସାଇକେଲ ରାଲି




ସାଇକେଲ ରାଲିରେ ସାମିଲ ଅଧିକାରୀବୃନ୍ଦ।

ନୂଆପଡ଼ା ଅଫିସ,୨।୪

ନୂଆପଡା ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ରବିବାର ଏକ ସଚେତନତା ସାଇକେଲ ରାଲି ଆୟୋଜିତ କରାଯାଇଛି। ନୂଆପଡା ସଡକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ସଚେତନତା ସାଇକେଲ ରାଲି ବାହାରି ଖରିଆର ରୋଡ ଜୋଙ୍କ ଆଦର୍ଶ ଥାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ସଡକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମୋଟ ୨୫ କି.ମି. ଅତିକ୍ରମ କରିଥିଲା। ଏହି ସାଇକେଲ ରାଲିରେ ଜିଲାପାଳ ହେମକାନ୍ତ ସାଏ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ସଡକ ପରିବହନ ଅଧିକାରୀ ମାନା ସିଂ, ଖରିଆର ରୋଡ ମର୍ଣ୍ଣିଂୱାକ ଗ୍ରୁପ, ନୂଆପଡା ମର୍ଣ୍ଣିଂୱାକ ଗ୍ରୁପ, ଯୁବକ ସଂଘ, ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ସଡକ ସୁରକ୍ଷାକୁ ଅତି ଗୁରୁତର ସହ ନେଇ ବିନା ହେଲମେଂଟରେ ପେଟ୍ରୋଲ ଟାଙ୍କି ମାନଙ୍କରେ ପେଟ୍ରୋଲ ନ ଦେବା ପାଇଁ ନିର୍ଦ୍ଦେଶ ଦେବା ସହ ନାବାଳକମାନଙ୍କ ଗାଡି ଚାଳନାକୁ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ପୂର୍ବକ ୨୫ ହଜାର ଜରିମାନା କିମ୍ବା ଗାଡି ମାଲିକଙ୍କ ପଞ୍ଜୀକୃତ ପତ୍ର ବାତିଲ କରିବା ପରି ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ବ୍ୟତିତ ହେଲମେଟ, ଗାଡିର କାଗଜାତ, ମଦ୍ୟପ ଚାଳକମାନଙ୍କୁ ସାବାଡ କରିବା ପାଇଁ ଦୈନିକ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିଛନ୍ତି। ମଦ୍ୟପାନ କରି ବେପାରୁଆ ଭାବରେ ଗାଡି ଚାଳନା କରୁଥିବାରୁ ପ୍ରତି ଦିନ ଦୁର୍ଘଟଣାର ଶିକାର ହେବା ସହ ନିରିହ ପଥଚାରୀମାନଙ୍କ ଜୀବନ ଚାଲି ଯାଉଥିବା ମଧ୍ୟ ନଜିରକୁ ଆସିଛି। ଏ ସବୁକୁ ଦୃଷ୍ଟିରେ ରଖି ସଡକ ସୁରକ୍ଷା ନିୟମ ମାନି ଚାଳିବା ପାଇଁ ଜିଲାପାଳ ସାଏ ଆହ୍ୱାନ ଦେଇଛନ୍ତି।

# ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା

ଖଡ଼ିଆଳ,୨।୪(ଡି.ଏନ.ଏ.)



ନୂଆପଡା ଜିଲା ଖଡ଼ିଆଳ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ସାନମହେଶ୍ୱର ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏକ ପାଲା ମାଧ୍ୟମରେ ମୋଟରସାଇକେଲ ଚଳେଇବା ସମୟରେ ହେଲମେଟ ବ୍ୟବହାର କରିବା, ଗାଡିର କାଗଜାତ ଠିକ ରଖିବା, ମୋବାଇଲ ବ୍ୟବହାର କରି ଗାଡି ଚଳାଇବ ନାହିଁ, ଅଠର ବର୍ଷରୁ କମ ବୟସର ଯୁବକ ଗାଡି ନ ଚଳାଇବା ସହିତ ଗାଡିର କାଗଜପତ୍ର ଠିକ କରିବା ସହିତ ଡ୍ରାଇଭିଙ୍ଗ ଲାଇସେନ୍ସ ଠିକ ଥିଲେ ସମସ୍ତ ସରକାରୀ ସୁବିଧା ପାଇପାରିବେ ବୋଲି ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଏସଆଇ ଦେବର୍ଚ୍ଚନ ମାଝି ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅମୂଲ୍ୟ ବାରିକ, କୁନାଲ ପାତ୍ର, ବିଶାଖା ହରିଜନ, ରେବତୀ ନାଏକ, ଭେରୀରାଜ ବକ୍ସି, ପୂର୍ଣ୍ଣଚନ୍ଦ୍ର ସୁନାନୀ, ଦୁର୍ବାଶା ଜଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ୧୪ ଅନ୍ତେବାସୀ ଗଲେ ଧର୍ମଗଡ଼ ସୁଧାର ଗୃହ

ଭବାନୀପାଟଣା,୨।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟ ଦୁଆରଶୁନିଠାରେ ୨୦୦୫ରୁ ଗଙ୍ଗାଧର ଯୁବକ ସଂଘ ଦ୍ୱାରା ପରିଚାଳିତ ସୁଧାର ଗୃହ ତଥା ଉଜ୍ଜ୍ୱଳା ଗୃହକୁ ଗତ ୨୪ ତାରିଖରେ ଜିଲାପାଳ କଳାତାଲିକା ଭୁକ୍ତ କରିଥିଲେ। ଏହାପରେ ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ଧର୍ମଗଡ଼ର ସୁଧାର ଗୃହକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। ଶନିବାର ଅନ୍ତେବାସୀ ଏହି ଆଶ୍ରମ ଛାଡି କୁଆଡେ ଯିବୁନାହିଁ ବୋଲି ଧାରଣାରେ ବସିଥିଲେ। ଖବର ପାଇ ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସ, ତହସିଲଦାର ଉପେନ୍ଦ୍ର ଲୁହା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୀର୍ଘ ସମୟ ଧରି ଅନ୍ତେବାସୀଙ୍କ ସହ ଆଲୋଚନା କରିବା ପରେ ମଧ କୌଣସି ସୁଫଳ ମିଳି ନ ଥିଲା। ଧାରଣାରେ ବସିଥିବା ଦୁଇଜଣ ଅନ୍ତେବାସୀ ଗୁରୁତର ହେବାରୁ ସେମାନଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ଆଲୋଚନା ପରେ ୧୪ଜଣ ଅନ୍ତେବାସୀଙ୍କୁ ଧର୍ମଗଡ଼କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା,୨।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦିତ୍ୟ ନାରାୟଣ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ଅଂଶୁମାନ ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ସାମ୍ବାଦିକ ୟୁନିୟନ କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଇଙ୍ଗିତ ପଣ୍ଡା, ରାଜ୍ୟ ବିଜେଡି ଶିକ୍ଷକ ସଂଘ ସମ୍ପାଦକ ହେମନ୍ତ ପଣ୍ଡା, ବିପ୍ଳବ ପଣ୍ଡା, ଶାନ୍ତନୁ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଜିତ ପଣ୍ଡା ପରିଚାଳନା କରିଥିବାବେଳେ ସିଆରସିସି ସୁବାସ ଦୁରିଆ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ, ଶିକ୍ଷକ ନୈମିଶ ସରାଫ, ସ୍କୁଲ ପରିଚାଳନା କମିଟି ସଭାପତି ଲମ୍ବୋଦର ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟରେ ଦିନ କାଟୁଛନ୍ତି ବିଧବା ମଞ୍ଜୁଙ୍କ ପରିବାର



ମଞ୍ଜୁ ଦୁର୍ଗାଙ୍କ ପରିବାର।

ପଲମ,୨।୪(ଡି.ଏନ.ଏ.)

- ମିଳୁନି ବିଧବା ଭତ୍ତା, ଟଙ୍କିକିଆ ଚାଉଳ
- ପ୍ରଧାନମନ୍ତ୍ରୀ ଆବାସ ଗୃହ ସ୍ୱପ୍ନ

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରା ପଞ୍ଚାୟତସ୍ଥିତ ଟୁଟିଙ୍ଗ ଗ୍ରାମରେ ଅସହାୟ ଅବସ୍ଥାରେ ରହୁଛନ୍ତି ବିଧବା ମଞ୍ଜୁ ଦୁର୍ଗା(୫୦)ଙ୍କ ପରିବାରବର୍ଗ। ପରିବାର ପ୍ରତିପୋଷଣ କରିବା ପାଇଁ ରାଜ୍ୟ ବାହାରୁ କାମ କରିବାକୁ ଯାଇଥିଲେ ମଞ୍ଜୁଙ୍କ ସ୍ୱାମୀ ସାଧୁରାମ ଦୁର୍ଗା। କିନ୍ତୁ ରୋଜଗାର ଅର୍ଥ ଆଣିବା ବଦଳରେ ତାଙ୍କର ମୃତଦେହ ଘରକୁ ଆସିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ବିଧବା ମଞ୍ଜୁଙ୍କ ଦୁଃଖଦ କାହାଣୀ ଆରମ୍ଭ ହୋଇଛି। ପରିବାର କହିଲେ ୨ ଝିଅ। ବଡ଼ କାଜଲ ୧୩ ବର୍ଷ ଓ ଅନ୍ୟ ଝିଅ ଅନିତା ଦୁର୍ଗା ବୟସ ୮ବର୍ଷ। ସ୍ୱାମୀ ପରିବାର ଛାଡି ଆରପାରିକୁ ଚାଲିଗବା ପରେ ସ୍ତ୍ରୀ ଅନେକ କଷ୍ଟ ବିଡମ୍ବନା ସହି ଆସୁଛନ୍ତି। ହେଲେ ତାଙ୍କୁ ନା ମିଳୁଛି ବିଧବା ଭତ୍ତା ନା ମିଳୁଛି ପ୍ରଧାନମନ୍ତ୍ରୀ ଆବାସ ଗୃହ କିମ୍ବା ଟଙ୍କିକିଆ ଚାଉଳ। ଏମିତି ଦୁର୍ଦ୍ଦିନରେ ଜିବନ ଯାପନ କରୁଥିବା ବେଳେ ଓଳିଏ ଖାଇ ଓଳିଏ ଉପବାସ ରହୁଥିବା ବେଳେ ପାଖ ପଡୋଶୀଙ୍କ ସହଯୋଗରେ ଜୀବନ ବଞ୍ଚାଇ ରହିଛନ୍ତି। ଝିଅ କାଜଲ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଅନୀତା ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ଅସହାୟ ଗରିବ ବିଧବା ସ୍ତ୍ରୀଙ୍କ ସାହା ହେବାକୁ କେହି ନାହାନ୍ତି। ୨ ଝିଅମାନଙ୍କର ପାଠ ପଢାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ କିପରି ପରିପୋଷଣ କରିବେ ତାହା ଭଗବାନଙ୍କ ଉପରେ ଭରସା କରି ରହିଛନ୍ତି ବିଧବା ମଞ୍ଜୁ। ବର୍ତ୍ତମାନ ବିଧବା ସ୍ତ୍ରୀ ଜଣକ ମାନସିକ ଚାପରେ ପଡିରହୁଛନ୍ତି। ନର୍ଲା ବିଡିଓ ତଥା କଳାହାଣ୍ଡି ଜିଲାପାଳ ଏହି ପରିବାରକୁ ସହାୟତ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ନୂଆପଡ଼ା ଆଇଆଇସିଙ୍କୁ ଡିଜିପି ଡିସ୍କ ପୁରସ୍କୃତ

ନୂଆପଡ଼ା ଅଫିସ,୨।୪



ଆଇଆଇସି ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆପଡା ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପୋଲିସ କନଫରେନ୍ସ ହଲରେ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଓ ସେବା ପାଇଁ ଡିଜି ସୁନୀଲ ବଂଶଲ ଆଇଆଇସି ପାଣିଗ୍ରାହୀଙ୍କୁ ସମ୍ମାନିତ କରିଛନ୍ତି। ୨୦୨୩ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସେବା ପାଇଁ ସେ ଏହି ପଦକର ଅଧିକାରୀ ହୋଇଛନ୍ତି। ନୂଆପଡା ସହରରେ ଆଇନଶୃଙ୍ଖଳା ନିୟନ୍ତ୍ରଣ, ପତୋରା ଜଳ ଆବଣ୍ଟନ ବିବାଦର ସମାଧାନ, ରତିପାଳି ନାବାଳିକା ହତ୍ୟା ଘଟଣାର ପର୍ଦ୍ଦାଫାଶ ପାଇଁ ସଫଳ ଇନ୍ସପେକ୍ଟର ଭାବରେ ପୁରସ୍କୃତ ହୋଇଛନ୍ତି। ଏହି ପଦକ ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଓ ସହରବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।

# ତରବୋଡ଼ରେ ଚୈତ୍ର ପର୍ବ ବିହନ ଛିନ୍ନା ଯାତ୍ରା

ନୂଆପଡ଼ା ଅଫିସ,୨।୪



ଦେବୀ ଗ୍ରାମ ପରିକ୍ରମା କରୁଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗ୍ରାମରେ ଚଇତି ପର୍ବ ବିହନ ଛିନ୍ନା ବା ବୋଏଲ ଯାତ୍ରା ପାଳିତ ହୋଇଯାଇଛି। ଏହି ପର୍ବ ଚୈତ୍ର ମାସ ପ୍ରତିପଦାଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ଗ୍ରାମ ଝାଙ୍କର ଦ୍ୱାରା ଗ୍ରାମରେ ଥିବା ଦେବଦେବୀମାନଙ୍କୁ ପୂଜା ଅର୍ଚ୍ଚନା କରି ବିହନ ଛିନ୍ନା ବା ବୋଏଲ ଯାତ୍ରା କରାଯାଇଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ତରବୋଡଠାରେ ବୋଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଗାଁରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ଧରଣୀଠାରେ ଯାଇ ସନ୍ଧ୍ୟାରେ ପୂଜା ଅର୍ଚ୍ଚନା କରି ବୋଦା ବଳି ଦିଆଯାଇ ଏକ ଗଛମୂଳକୁ ଆଣି ରୋଷେଇ କରି ଦେବୀଙ୍କ ପ୍ରସାଦ ଭାବି ଗାଁର ବୟସ୍କ ଲୋକମାନେ ଯାଇ ଖାଇ ରାତିରେ ଘରକୁ ଫେରନ୍ତି। ତା ପର ଦିନ ସେହି ଦେବୀଠାରେ ବିହନ ଛିନ୍ନା ପର୍ବ ଅନୁଷ୍ଠିତ ହୋଇ ଗ୍ରାମରେ ଥିବା ସମସ୍ତ ଦେବଦେବୀଗୁଡିକୁ ଯାଇ ପୂଜା ଅର୍ଚ୍ଚନା କରି କୁକୁଡା, ପାରା, ବୋଦା ବଳି ଦିଆଯାଇଥାଏ। ପୂଜା ଅର୍ଚ୍ଚନା ବା ବଳି କାର୍ଯ୍ୟ ଶେଷ ହେବା ପରେ ବରୁଆମାନଙ୍କ ମୁଣ୍ଡରେ ବିଭିନ୍ନ ଦେବଦେବୀ କାଳସି ଆସି ନଗର ପରିକ୍ରମା କରିଥାଏ। ଦେବୀ ନଗର ପରିକ୍ରମା କରୁଥିବା ସମୟରେ ଅଧିଆ ପଡିଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି ବୋଲି ଦେବୀ ନଗ୍ର ପରିକ୍ରମା କରୁଥିବା ସମୟରେ ଲୋକେ ଅଧିଆ ପଡି ବିଭିନ୍ନ ମନସ୍କାମନା କରିଥାନ୍ତି। ଝାଙ୍କର ଯୋଗେନ୍ଦ୍ର ନାୟକ ଇଷ୍ଟଦେବୀ ବା ଅଧିଷ୍ଠାତ୍ରୀ ଦେବଦେବୀମାନଙ୍କୁ ପୂଜା ଅର୍ଚ୍ଚନା କରିଥିବା ବେଳେ ମଙ୍ଗଳ ମାଝି, ଦିଲୀପ ବନଛୋର, ମକାରୁ ବେମାଲ, କପୁର୍ଚନ ହଂସ, ଅଶୋକ ବନଛୋର, ଭଲଭଦ୍ର ରଣା, ରାମଲାଲ ଶବର ପ୍ରମୁଖଙ୍କ ଶିରରେ ବିଭିନ୍ନ ଦେବାଦେବୀ କାଳସି ଡମ୍ଫ ବାଜାର ତାଳେ ତାଳେ ପାଦ ପକାଇ ଗ୍ରାମ ପରିକ୍ରମା କରି ଘରକୁ ଘର ଯାଇ ବନ୍ଧାପନା ନେଇଥାଏ। ସେହି ସମୟରେ ଲୋକେ ଅଧିଆ ପଡିଥାନ୍ତି। ମନ୍ଦର ମାଝି, ବିନୋଦ ନାୟକ, ହରିହର ବେମାଲ, ଟିପନ ବେମାଲ, ବିରଚନ ବନଛୋର, ହରେକୃଷ୍ଣ ନାୟକ, ମେସୁରୁ ସେଠୀ, ପର୍ଶୁ ମାଝି, ଅରକ୍ଷିତ ବନଛୋର, ହରେ ରଣା ପ୍ରମୁଖ ସେବାକାରୀ ଭାବରେ ରହିଥିବା ବେଳେ ଯୋଗେଶ୍ୱର ବନଛୋର ଦେବୀଙ୍କ ଛତର ଧରି ଗ୍ରାମ ପରିକ୍ରମା କରିଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଖଡ଼ିଆଲ,୨।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତ ସମାଡପଦର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ରୋହିତ ମାଝି (୪୫)। ପ୍ରକାଶ ଯେ, ରୋହିତ ଜଣେ ଦିବ୍ୟାଙ୍ଗ। ରୋହିତ ଓ ତାଙ୍କ ପୁଅ ପୂର୍ବାହ୍ନ ୧୧ଟାରେ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା। ତାଙ୍କର ଡାହାଣ ଗୋଡ଼ରେ ବହୁତ ଆଘାତ ଲାଗିଛି। ଭାଲୁ ଆକ୍ରମଣ ପରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ପରିବାର ଗୋଟିଏ ଦିବ୍ୟାଙ୍ଗ ଓ ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କେସିଙ୍ଗା,୨।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ପଡାଠାରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ଗତ ଗୁରୁବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରାରେ ଓ ଅଧିବାସ କରାଯାଇ ଥିଲା। ଶୁକ୍ରବାର ସକାଳେ ନାମାରମ୍ଭ ଓ ଶନିବାର ନାମଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମରେ ଭବାନୀପାଟଣାର ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ସମେତ ବହୁ ବିଜେଡି ନେତାମାନେ ସାମିଲ ହୋଇଥିଲେ। ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏଥିରୁ ବାଲସି ଓ ଭମରମାଲ ଗ୍ରାମର ଦୁଇଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଦର୍ଶକଙ୍କୁ ମନମୋହିତ କରିଥିଲେ। ଦର୍ଶକମାନେ ଏହି ମହିଳାର ଝିଅମାନଙ୍କ ନାଚ ଓ ଅଭିନୟରେ ଦର୍ଶକମାନେ ମନମୁଗ୍ଧ ହୋଇ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀରେ ସଂକୀର୍ତ୍ତନ ମଣ୍ଡଳୀ ସହ ଦଧିଭାଣ୍ଡ ଧରି ଗ୍ରାମ ପ୍ରରିକ୍ରମା କରିଥିଲେ। ପୂଜା କର୍ତ୍ତା ଭାବେ ରବୀନ୍ଦ୍ର ସାହୁ ଓ ମାଗୁରୀ ସାହୁ ଏବଂ ପୂଜକ ଭାବେ ମଣ୍ଟୁ କର ଓ ଧନବନ୍ତ କର ପୂଜା ସମ୍ପାଦନା କରିଥିଲେ। ଏହି ପୂଜାରେ କ୍ଷମା ସାଗର ସାହୁ, ଭାବନୀ ସାହୁ, ଡିସମ୍ବର ସାହୁ, କରୁଣା କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମା’ ଡୋକରିବୁଡି କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ ଶୁଭାରମ୍ଭ

ଖଡ଼ିଆଲ,୨।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ସୁନାରୀ ସିକୁଆଁ ଗ୍ରାମର ମା’ ଡୋକରିବୁଡି କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂତନ ନାଟକ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଯୋଗଦେଇ ନାଟକର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନବଘନ ଦାସ, ଗ୍ରାମର ଗଉଁଟିଆ ଜଗନ୍ନାଥ ବୈଠାରୁ, ରାତ୍ର ନନ୍ଦ ମନହିରା, ଗ୍ରାମ ଝାଁକର କେଶବ ଭୋଇ, ଦୁର୍ବଳ ବୈଠାରୁ, ମନୋଜ ମାଝି, ନାଟ୍ୟଗୁରୁ ହିତେଶ କୁମାର ବୈଠାରୁ ମଞ୍ଚାସୀନ ଥିଲେ। ଟଙ୍କଧର ବୈଠାରୁ ମଞ୍ଚ ପରିଚାଳନା କରିଥିଲେ। ବର୍ତ୍ତମାନ ଗ୍ରାମାଞ୍ଚଳରେ ନାଟକ ହେଉଛି ମନୋରଞ୍ଜନର ଏକ ମାଧମ ତା ସହିତ କଳାକାରମାନଙ୍କର ଗୋଟିଏ ବାଣିଜ୍ୟିକ କାରବାର। ରାଜ୍ୟ ସରକାର ମଧ କଳାକାରମାନଙ୍କ ପାଇଁ ଅନେକ ଯୋଜନା କରିବା ସହିତ କଳାକାର ଭତ୍ତା ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ।

# ସମାଜର କଲ୍ୟାଣ ପାଇଁ ଉଦ୍ୟମ ଲୋଡ଼ା

## କୋଶଲେଶ୍ୱର ମାଳୀ ସମାଜ ବୈଠକ

ସୋନପୁର,୨।୪

ସୋନପୁର ବ୍ଲକ ଖାରି ନିକଟସ୍ଥ ଘଣ୍ଟାପାଲି ମାଳୀ ସମାଜ ଭବନଠାରେ କୋଶଲେଶ୍ୱର ମାଳି ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲାର ସମସ୍ତ ମାଳି ସମାଜର ଭଉଣୀ ଭାଇଙ୍କ ମଧ୍ୟରେ ଏକତାର ଭାବ ସୃଷ୍ଟି କରିବା, ସମାଜର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ସେମାନଙ୍କୁ ଅବଗତ କରିବା ପ୍ରୟାସ ନେଇ ସମାଜର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କୋଶଲେଶ୍ୱର ମାଳି ସମାଜ ସଭାପତି ଦିଗାମ୍ବର ଚୌଧୁରୀଙ୍କ ସଭାପତିତ୍ୱ ଓ ଜିଲା ସମ୍ପାଦକ ନିରଞ୍ଜନ ପୁଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଜିଲା କମିଟି ସଦସ୍ୟ ତଥା ଘଣ୍ଟାପାଲି ଅଞ୍ଚଳ ସଭାପତି ହରିଶ୍ଚନ୍ଦ୍ର ପୁଟେଲ, ଉପସଭାପତି ମକରଧ୍ୱଜ ପୁଟେଲ,କୋଷାଧ୍ୟକ୍ଷ ଶ୍ରୀଧର ପୁଟେଲ, ଚକା ପୁଟେଲ, ମହାଦେବ ପୁଟେଲ, ପୁରୁନ୍ଦର ପୁଟେଲ, ବୀରମହାରାଜପୁର ଅଞ୍ଚଳ ସଭାପତି ମୃତ୍ୟୁଞ୍ଜୟ ପାଣ୍ଡେ, ସମ୍ପାଦକ ସପନେଶ୍ୱର ବାଘ, ସନ୍ତୋଷ ସମରଥ, ଉଲୁଣ୍ଡା ଅଞ୍ଚଳ ସଭାପତି ଯୋଗିନ୍ଦ୍ର ବେଲ, ସମ୍ପାଦକ ବାବୁଲାଲ ମନ୍ତ୍ରୀ, ସିଆଲି ଅଞ୍ଚଳ ସଭାପତି ମକରଧ୍ୱଜ ଚୌଧୁରୀ, ସମ୍ପାଦକ ତରଣୀ ପୁଟେଲ, ଜିଲା ଯୁବ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି କଲ୍ୟାଣ ଦିଗରେ ଆଲୋଚନା କରିଥିଲେ।


ବୈଠକରେ ଉପସ୍ଥିତ ମାଳୀ ସମାଜର ନେତୃବୃନ୍ଦ।

# ସପ୍ତଦୀପା ସାହିତ୍ୟ ସଂସଦର ଭ୍ରାମ୍ୟମାଣ ସାରସ୍ୱତ ସମାରୋହ

ଅମରପାଲି,୨।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସପ୍ତଦୀପା ସାହିତ୍ୟ ସଂସଦସ୍‌ର ୧୦୭ତମ ଭ୍ରାମ୍ୟମାଣ ସାରସତ ସମାରୋହ ସ୍ଥାନୀୟ ମୈତ୍ରୀ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ଉପସଭାପତି ଲକ୍ଷ୍ମୀନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କବି ଦ୍ୱିତିକୃଷ୍ଣ ପଣ୍ଡା ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ଗବେଷକ ଡ.ଅନିରୁଦ୍ଧ କୁରୁକୁରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କବି ଅଙ୍କୁର ହୋତା ସଭାର ସଂଯୋଜନା କରିଥିବାବେଳେ କିଶୋର ହୋତା ସ୍ୱାଗତ ଅଭିଭାଷଣ ଜଣାଇଥିଲେ। ଏହି ଅବସରରେ ରଞ୍ଜିତା ପଣ୍ଡା ଓ ସନ୍ତୋଷିନୀ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କିଶୋର ହୋତା, ଶୁଭେନ୍ଦୁ ମେହେର, ଶୁଭ୍ରାଂଶୁ ପାଢ଼ୀ, ଜ୍ୟୋତିଲାଲ ନନ୍ଦ, ଧ୍ରୁବଚରଣ କ୍ଷେତି, ରାଧେଶ୍ୟାମ ମିଶ୍ର, ପ୍ରକୃତି ପ୍ରିତିଲଗ୍ନା ହୋତା, ବାସୁଦେବ ରଥ, ଆନନ୍ଦ ପଧାନ, ଅକ୍ଷୟ ରାୟ, ନାରାୟଣ ଦେହୁରୀ, ଲକ୍ଷ୍ମୀନାରାୟଣ ସାହୁ, ହିମାଂଶୁ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ସାହିତ୍ୟ ସମାରୋହରେ ଦ୍ୱିତିକୃଷ୍ଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଲା ରାଜସ୍ୱ ଅଣଗେଜେଟେଡ କ୍ଷେତ୍ର ଅଧିକାରୀ ସଂଘ ବୈଠକ


ରାଜସ୍ୱ ନିରୀକ୍ଷକ ସଂଘ ବୈଠକରେ ଅତିଥିମାନେ।

ବୌଦ୍ଧ,୨।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ରାଜସ୍ୱ ଅଣଗେଜେଟେଡ କ୍ଷେତ୍ର ଅଧିକାରୀ ସଂଘର ବୈଠକ ରବିବାର ଦିନ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଦିଲିପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ତହସିଲଦାର ଦେବୀ ପ୍ରସାଦ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ରାଜସ୍ୱ ନିରୀକ୍ଷକ ଓ ସହ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରୁ ଅବସର ନେଇଥିବା ଭୀମସେନ ରଣା, ଉମାଶଙ୍କର ସାହୁ, ଅଶୋକ କୁମାର ପରମଗୁରୁ ମହାପାତ୍ର, ଶିବ ମହାକୁଡ, ମହେଶ ପୁରୋହିତ , ସୁରେନ୍ଦ୍ର ସାହୁ , ଲିଙ୍ଗରାଜ ନାଥ, ସର୍ବେଶ୍ୱର ମୁଦୁଲିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ପକ୍ଷରୁ ଜିଲାପାଳ ସାହୁଙ୍କୁ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ମଧ୍ୟରେ ଡିପିସି, ଖାଲି ପଡିଥିବା ପଦବୀ ତୁରନ୍ତ ପୂରଣ, ୧୮ ଗୋଟି ରାଜସ୍ୱମଣ୍ଡଳର ବାସଗୃହ, ଅଫିସ ଗୃହ ନିର୍ମାଣ, ଖରିଫ ଓ ରବି ଧାନ ବିକ୍ରୟ ପଞ୍ଜୀକରଣ ଓ ଜମି ବିକ୍ରୟ ସମୟର ଖଜଣା ପାଉତି ବାଧ୍ୟତାମୂଳକ ଆଦି ରହିଛି। ଏହାଛଡା ସରକାର ଅନ୍‌ଲାଇନ କାମକୁ ଗୁରୁତ୍ୱ ଦେଉଥିବାରୁ ସମସ୍ତ ରାଜସ୍ୱ ମଣ୍ଡଳରେ ଇନ୍‌ଭଟର ବ୍ୟବସ୍ଥା ସହିତ ପ୍ରତିମାସର କାଗଜ, କମ୍ପ୍ୟୁଟର ଓ ପ୍ରିଣ୍ଟରର ମରାମତି ପାଇଁ ଅର୍ଥ ଯୋଗାଇ ଦେବା, ପ୍ରତି ପଞ୍ଚାୟତରେ ରାଜସ୍ୱ ମଣ୍ଡଳ ଗଠନ ଆଦି ଦାବି କରାଯାଇଛି। ଜିଲାପାଳ ଉକ୍ତ ଦାବିଗୁଡିକର ତର୍ଜମା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜିଲା ସଂପାଦକ ଅନିଲ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସୁଜିତ ସାହୁଙ୍କ ସମେତ ସମସ୍ତ କ୍ଷେତ୍ର ଅଧିକାରୀ ଯୋଗ ଦେଇଥିଲେ।

## ରାମନବମୀ ମେଳା ପାଳିତ

ଖଡ଼ିଆଲ,୨।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମଠାରେ ଶ୍ରୀ ରାମ ନବମୀ ମେଳା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରବଚକ ମୋହନ ଚରଣ ଦାସଙ୍କ ଦ୍ୱାରା ଶ୍ରୀ ରାମ କଥାର ଆୟୋଜନ ହୋଇଥିଲା। ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା, ରାମ କଥାମୃତ ଓ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ସୁବାଷ ଭାଇ, ଡିଗ୍ରୀ ସା, ଜ୍ୟୋତ୍ସ୍ନା ରାଉତରାୟ, ସଂଯୁକ୍ତା ପ୍ରଧାନୀ ଥିବାବେଳେ ବାଦ୍ୟଯନ୍ତ୍ରରେ କିରଣ ବାରିକ, ମାଧବ କାଣ୍ଡ, ପବିତ୍ର ଦଣ୍ଡସେନା ସହଯୋଗ କରିଥିଲେ। ଶ୍ରୀରାମ କଥା ଶ୍ରବଣ କରିବା ପାଇଁ ପାଖ ପୋଡ଼ଶୀ ଗ୍ରାମରୁ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀ ରାମ ନବମୀ ମେଳା ନେହେନା ସରପଞ୍ଚ ଅଶୋକା ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରାମ ନବମୀ ପାଳନ କମିଟି ସଦସ୍ୟ ଦୁଃସାସନ ଥନାପତି, ଅନିଲ ଦଣ୍ଡସେନା, ଧୀରେନ୍ଦ୍ର ଦଣ୍ଡସେନା, ରୁଦ୍ରମାଧବ ରାଉତରାୟ, ମନୋଜ ସୁନାନୀ, ସୁଶାନ୍ତ ବିଶି, ପବିତ୍ର, ବିଶ୍ୱ ରଞ୍ଜନ ଦଣ୍ଡସେନା, ନିତାଇ ବିଶି, କୃପାସିନ୍ଧୁ ବାରିକଙ୍କ ସମେତେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ରାମନବମୀ ମେଳା ଖଡ଼ିଆଳ ଅଞ୍ଚଳର ସର୍ବପୁରାତନ ଅନୁଷ୍ଠାନ ୧୯୨୮ରୁ କ୍ରମାଗତ ଭାବେ ରାମ ନବମୀ ପାଳିତ ହୋଇଆସୁଛି।

# ବରଗଡ଼ରୁ ବଜ୍ରକାପ୍ତା ଉଦ୍ଧାର

## ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,(ବ୍ୟୁରୋ)/ପଦ୍ମପୁର, ୨।୪(ଡି.ଏନ.ଏ.)

ବଜ୍ରକାପ୍ତା ବିକ୍ରି ପାଇଁ ଅପେକ୍ଷା କରିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ବିଜାଡିହି ଛକରେ ଚଢାଉ କରି ଯୋଜନାକୁ ପଣ୍ଡ କରିଛି। ତେବେ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରୁଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିବା ସହ ସେଠାରୁ ଏକ ଜୀବନ୍ତ ବଜ୍ରକାପ୍ତା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଜିଲାର ପାଇକମାଳ ଥାନା ଅନ୍ତର୍ଗତ ଗଣ୍ଡାପାଲି ଗ୍ରାମର ମହାଦେବ ମୁକଟିଆ। ଜବତ ବଜ୍ରକାପ୍ତାର ଓଜନ ୧୨ କେଜି ହେବ। ଅଭିଯୁକ୍ତ ବଜ୍ରକାପ୍ତାଟିକୁ କେଉଁଠୁ ଆଣିଥିଲେ ଓ କାହାକୁ ବିକ୍ରି କରିବାକୁ ଅପେକ୍ଷା କରିଥିଲେ ତାହାର ଖୋଳତାଡ଼ କରୁଛି ଏସ୍‌ଟିଏଫ୍।

ସୂଚନା ଅନୁଯାୟୀ, ଅଭିଯୁକ୍ତ ମହାଦେବ ନିଜ ପାଖରେ ଜୀବନ୍ତ ବଜ୍ରକାପ୍ତା ରଖି ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ଖବର ପାଇବା ପରେ ଚଢ଼ାଉ ପାଇଁ ଏସ୍‌ଟିଏଫ୍ ଯୋଜନା କରିଥିଲା। ଶନିବାର ସନ୍ଧ୍ୟାରେ ପଦ୍ମପୁର ଥାନା ଅନ୍ତର୍ଗତ ବିଜାଡିହି ଛକରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ବନ ବିଭାଗର ଅଧିକାରୀଙ୍କ ସହାୟତାରେ ଘଟଣାସ୍ଥଳରେ ଲୁଚି ରହି ବଜ୍ରକାପ୍ତା ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ମହାଦେବଙ୍କ ଉପରେ ନଜର ରଖିଥିଲେ। ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ପରେ କୌଣସି ଗ୍ରାହକ ନ ଆସିବାରୁ ସେମାନେ ଚାରିପଟୁ ଘେରିଯାଇ ଅଭିଯୁକ୍ତଙ୍କୁ ଧରିଥିଲେ। ଏହାପରେ ମହାଦେବଙ୍କୁ ଥାନାକୁ ନେଇ ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏଥିସହ ଜବତ ବଜ୍ରକାପ୍ତାକୁ ବରଗଡ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରାଯାଇଥିଲା।

# ବୁଣାକାର ବଜାରରେ କ୍ରେତା ବିକ୍ରେତା ସମ୍ମିଳନୀ

ବୌଦ୍ଧ,୨।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ଦ୍ୱାରା ବୁଣାକାର ବଜାରରେ କ୍ରେତା ବିକ୍ରେତା ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଡିଟି ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବୟନିକାର ସଭାପତି ପ୍ରକାଶ ମେହେର, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ହ୍ୟାଣ୍ଡଲୁମ୍‌ର ଅଧକ୍ଷ ସୌଭାଗ୍ୟ ନାଏକ, ବରଗଡ ବାଲିଝୁରି ବଜାର ସଭାପତି ଅଯୋଧ୍ୟା ମେହେର ଯୋଗଦେଇ ବୁଣାକାରମାନଙ୍କ ସୁବିଧା ଅସୁବିଧା ସଂପର୍କରେ ଆଲୋକପାତ କରିଥିଲେ। ପଶ୍ଚିମ ଓଡିଶାର ଦ୍ୱିତୀୟ ବୃହତ୍ ବୁଣାକାର ବଜାର ଆରମ୍ଭ ହେବା ପରେ ବେଶ ଲୋକପ୍ରିୟ ହୋଇପାରିଛି ବୋଲି ଜିଲାପାଳ ସାହୁ ମତବ୍ୟକ୍ତ କରଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ବୁଣାକାର ବଜାରକୁ ଆସିଥିବା କ୍ରେତା ବିକ୍ରେତାମାନେ ସେମାନଙ୍କ ଅନୁଭୂତି ନେଇ କହିଥିଲେ। ଏହି ଅବସରରେ ବୟନିକାର ସଭାପତି ମେହେରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କ୍ରେତା ବିକ୍ରେତା ସମ୍ମିଳନୀରେ ସାଧାରଣ ନାଗରିକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ।


ବୁଣାକାର ବଜାର ପରିସରରେ ରାଜ୍ୟ ବୟନିକା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୪ ଅନ୍ତେବାସୀ ଗଲେ ସ୍ୱଧାର ଗୃହ

ଭବାନୀପାଟଣା,୨।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦୁଆରଶୁନିଠାରେ ଗଙ୍ଗାଧର ଯୁବକ ସଂଘ ପରିଚାଳିତ ସ୍ୱଧାର ଗୃହକୁ ଗତ ୨୪ ତାରିଖରେ ଜିଲାପାଳ କଳାତାଲିକାଭୁକ୍ତ କରିଥିଲେ। ଏହାପରେ ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ଧର୍ମଗଡ଼ର ସ୍ୱଧାର ଗୃହକୁ ସ୍ଥାନାନ୍ତର ନିଷ୍ପତ୍ତି ହୋଇଥିଲା। ହେଲେ ଅନ୍ତେବାସୀ ଆଶ୍ରମ ଛାଡି ଯିବୁନାହିଁ ବୋଲି ଧାରଣାରେ ବସିଥିଲେ। ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସ, ତହସିଲଦାର ଉପେନ୍ଦ୍ର ଲୁହା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନ୍ତେବାସୀଙ୍କ ସହ ଆଲୋଚନା କରିବା ପରେ ମଧ ସୁଫଳ ମିଳି ନ ଥିଲା। ଧାରଣାରେ ବସିଥିବା ଦୁଇଜଣ ଅନ୍ତେବାସୀ ଗୁରୁତର ହେବାରୁ ସେମାନଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ଆଲୋଚନା ପରେ ୧୪ଜଣ ଅନ୍ତେବାସୀଙ୍କୁ ଧର୍ମଗଡ଼କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ରାଜ୍ୟର ପ୍ରଥମ ବାଟାଲିୟନ ଭାବେ ପୁରସ୍କୃତ

## ବୌଦ୍ଧର ପଞ୍ଚମ ଆଇଆରବି ବାଟାଲିୟନ

ବୌଦ୍ଧ,୨।୪(ସ୍ୱ.ପ୍ର.)

ବୌଦ୍ଧର ପଞ୍ଚମ ଆଇଆରବି ବାଟାଲିୟନ ରାଜ୍ୟର ସର୍ବଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ ହେବା ପରେ ରବିବାର ବାଟାଲିୟନଠାରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି। ଗତ ଶନିବାର ଦିନ ୮୮ ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ରାଜ୍ୟସ୍ତରୀୟ ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲଙ୍କଠାରୁ ବୌଦ୍ଧର ପଞ୍ଚମ ଆଇଆରବି ବାଟାଲିୟନ କମାଣ୍ଡାଣ୍ଟ ଦୁର୍ବାସା ନାୟକ ପୁରସ୍କାର ଗ୍ରହଣ କରିଥିଲେ। ପଞ୍ଚମ ଆଇଆରବି ବାଟାଲିୟନର ପରିଚାଳନା, ଯବାନମାନଙ୍କ ସଫଳତା ପୂର୍ବକ ଦାୟିତ୍ୱ ନିର୍ବାହ ଆଦିର ବିଚାର କରାଯାଇ ୨୦୨୨ ବର୍ଷ ପାଇଁ ସର୍ବଶ୍ରେଷ୍ଠ ବାଟାଲିୟନ ଭାବେ ସମ୍ମାନିତ କରାଯାଇଛି। ରାଜ୍ୟରେ ରହିଥିବା ୨୨ଟି ବାଟାଲିୟନ ମଧ୍ୟରୁ ବୌଦ୍ଧର ପଞ୍ଚମ ଆଇଆରବି ବାଟାଲିୟନ ପ୍ରଥମ ସ୍ଥାନ ଗ୍ରହଣ କରିଛି। ପୁରସ୍କାର ଗ୍ରହଣ କରିବା ପରେ କମାଣ୍ଡାଣ୍ଟ ଦୁର୍ବାସା ଟ୍ରଫି ଧରି ଆଇଆରବି ବାଟାଲୟନ ଠାରେ ରବିବାର ଦିନ ପହଞ୍ଚିବା ପରେ ତାଙ୍କୁ ଯବାନମାନେ ସ୍ୱାଗତ କରିଥିଲେ। ଏନେଇ ଆଇଆରବି ବାଟାଲିୟନ ପରିସରରେ ଖୁସିର ଲହରୀ ଖେଳିଯାଇଥିଲା। ଏହି ଅବସରରେ ଟ୍ରଫି ଧରି ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଆୟୋଜିତ ଉତ୍ସବରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ, ଲଳିତ ମେହେର, ଆଇଆରବି ବାଟାଲିୟନର ଅଧିକାରୀ, ଯବାନ ଓ ପରିବାର ସଦସ୍ୟ ସାମିଲ ହୋଇଥିଲେ।



ଆଇଆରବି ପକ୍ଷରୁ ସ୍ୱାଗତ କରାଯାଉଛି।

# ତରବୋଡ଼ରେ ଚୈତ୍ର ପର୍ବ ବିହନ ଛିନ୍ନା ଯାତ୍ରା

ନୂଆପଡ଼ା ଅଫିସ,୨।୪

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗ୍ରାମରେ ଚଇତି ପର୍ବ ବିହନ ଛିନ୍ନା ବା ବୋଏଲ ଯାତ୍ରା ପାଳିତ ହୋଇଯାଇଛି। ଏହି ପର୍ବ ଚୈତ୍ର ମାସ ପ୍ରତିପଦାଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ଗ୍ରାମ ଝାଙ୍କର ଦ୍ୱାରା ଗ୍ରାମରେ ଥିବା ଦେବଦେବୀମାନଙ୍କୁ ପୂଜା ଅର୍ଚ୍ଚନା କରି ବିହନ ଛିନ୍ନା ବା ବୋଏଲ ଯାତ୍ରା କରାଯାଇଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ତରବୋଡଠାରେ ବୋଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଗାଁରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା’ ଧରଣୀଠାରେ ଯାଇ ସନ୍ଧ୍ୟାରେ ପୂଜା ଅର୍ଚ୍ଚନା କରି ବୋଦା ବଳି ଦିଆଯାଇ ଏକ ଗଛମୂଳକୁ ଆଣି ରୋଷେଇ କରି ଦେବୀଙ୍କ ପ୍ରସାଦ ଭାବି ଗାଁର ବୟସ୍କ ଲୋକମାନେ ଯାଇ ଖାଇ ରାତିରେ ଘରକୁ ଫେରନ୍ତି। ତା ପର ଦିନ ସେହି ଦେବୀଠାରେ ବିହନ ଛିନ୍ନା ପର୍ବ ଅନୁଷ୍ଠିତ ହୋଇ ଗ୍ରାମରେ ଥିବା ସମସ୍ତ ଦେବଦେବୀଗୁଡିକୁ ଯାଇ ପୂଜା ଅର୍ଚ୍ଚନା କରି କୁକୁଡା, ପାରା, ବୋଦା ବଳି ଦିଆଯାଇଥାଏ। ପୂଜା ଅର୍ଚ୍ଚନା ବା ବଳି କାର୍ଯ୍ୟ ଶେଷ ହେବା ପରେ ବରୁଆମାନଙ୍କ ମୁଣ୍ଡରେ ବିଭିନ୍ନ ଦେବଦେବୀ କାଳସି ଆସି ନଗର ପରିକ୍ରମା କରିଥାଏ। ଦେବୀ ନଗର ପରିକ୍ରମା କରୁଥିବା ସମୟରେ ଅଧିଆ ପଡିଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି ବୋଲି ଦେବୀ ନଗ୍ର ପରିକ୍ରମା କରୁଥିବା ସମୟରେ ଲୋକେ ଅଧିଆ ପଡି ବିଭିନ୍ନ ମନସ୍କାମନା କରିଥାନ୍ତି। ଝାଙ୍କର ଯୋଗେନ୍ଦ୍ର ନାୟକ ଇଷ୍ଟଦେବୀ ବା ଅଧିଷ୍ଠାତ୍ରୀ ଦେବଦେବୀମାନଙ୍କୁ ପୂଜା ଅର୍ଚ୍ଚନା କରିଥିବା ବେଳେ ମଙ୍ଗଳ ମାଝି, ଦିଲୀପ ବନଛୋର, ମକାରୁ ବେମାଲ, କପୁର୍ଚନ ହଂସ, ଅଶୋକ ବନଛୋର, ଭଲଭଦ୍ର ରଣା, ରାମଲାଲ ଶବର ପ୍ରମୁଖଙ୍କ ଶିରରେ ବିଭିନ୍ନ ଦେବାଦେବୀ କାଳସି ଡମ୍ଫ ବାଜାର ତାଳେ ତାଳେ ପାଦ ପକାଇ ଗ୍ରାମ ପରିକ୍ରମା କରି ଘରକୁ ଘର ଯାଇ ବନ୍ଧାପନା ନେଇଥାଏ। ସେହି ସମୟରେ ଲୋକେ ଅଧିଆ ପଡିଥାନ୍ତି। ମନ୍ଦର ମାଝି, ବିନୋଦ ନାୟକ, ହରିହର ବେମାଲ, ଟିପନ ବେମାଲ, ବିରଚନ ବନଛୋର, ହରେକୃଷ୍ଣ ନାୟକ, ମେସୁରୁ ସେଠୀ, ପର୍ଶୁ ମାଝି, ଅରକ୍ଷିତ ବନଛୋର, ହରେ ରଣା ପ୍ରମୁଖ ସେବାକାରୀ ଭାବରେ ରହିଥିବା ବେଳେ ଯୋଗେଶ୍ୱର ବନଛୋର ଦେବୀଙ୍କ ଛତର ଧରି ଗ୍ରାମ ପରିକ୍ରମା କରିଥିଲେ।


ଦେବୀ ଗ୍ରାମ ପରିକ୍ରମା କରୁଛନ୍ତି।

## ସଂକ୍ଷେପରେ

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ:୨ ଅଟକ

**କୁଚିଣ୍ଡା,୨।୪(ଡି.ଏନ.ଏ.):** କୁଚିଣ୍ଡା ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଭିନ୍ନକ୍ଷମ ନାବାଳିକା ଜଣକ ନିଜ ଅଜା ଓ ପଡୋଶୀଙ୍କ ସହ ଗାଁରେ ହେଉଥିବା ଦଣ୍ଡ ନୃତ୍ୟ ଦେଖିବାକୁ ଯାଇଥିଲେ । କୌଣସି କାରଣରୁ ସାଙ୍ଗରେ ଯାଇଥିବା ବ୍ୟକ୍ତିମାନେ ନ ଆସିବାରୁ ଅନ୍ୟ ଗ୍ରାମର ଦୁଇ ଜଣ ଯୁବକ ନାବାଳିକାଙ୍କୁ ଚାଲ ତୁମ ଘରେ ଛାଡିଦେବୁ କହି ଡାକି ନେଇଥିଲେ । ପରେ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିବା ପରେ ଘରେ ନେଇ ଛାଡି ଦେଇଥିଲେ । ନାବାଳିକାଙ୍କ ସାସ୍ଥ୍ୟବସ୍ଥା ଖରାପ ହେବାରୁ ପରିବାର ଲୋକେ ରବିବାର ସକାଳେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରି ଥାନାରେ ଅଭିଯୋଗ କରିଥିଲେ । କୁଚିଣ୍ଡା ଥାନା ଆଇଆଇସି ଶୋଭାକର ସେଠ ଏହି ଘଟଣାରେ ଦୁଇ ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

### ରାଷ୍ଟ୍ର ନିର୍ମାଣ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ

**ସମ୍ବଲପୁର,୨।୪(ବ୍ୟୁରୋ):** ରାଷ୍ଟ୍ର ନିର୍ମାଣ ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହେବାକୁ ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଅନୁଷ୍ଠିତ ଏକ ସଭାରେ ବକ୍ତାମାନେ ଆହ୍ୱାନ କରିଛନ୍ତି। ଏହି ସଭାରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧକ୍ଷତା କରିଥିଲେ। ମୋଟ ୨୨ଟି ଉଚ୍ଚ ବିଦ୍ୟାଳୟରୁ ୫୮ ଜଣ ଛାତ୍ରୀଛାତ୍ର, ୩୬ ଜଣ ଅଭିଭାବକ, ୧୫ ଜଣ ବିଦ୍ୟାଳୟ ମୁଖ୍ୟ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ପାଠ୍ୟକ୍ରମର ରୂପରେଖ ଉପରେ ବିଶଦ ଆଲୋଚନା କରିଥିଲେ। ସମ୍ପାଦନା ମଣ୍ଡଳୀର ସଦସ୍ୟ ପ୍ରଫେସର ଶଙ୍କର ପତି, ମୀନକେତନ ପାଠୀ, ଅରବିନ୍ଦ ମହାପାତ୍ର, ଗିରିଧାରୀ ହୋତା, କାମଦେବ ସାହୁ, ମୁରଲୀ ପ୍ରେମନାଥ ନାୟକ, ନିରୂପମା ବଡ଼ପଣ୍ଡା, ରଘୁନାଥ ମିଶ୍ର ଓ ବୁର୍ଲା ଇଞ୍ଜିନିୟରିଂ କଲେଜର ଅଧାପକ ଡ. ମନୋଜ କୁମାର ପଟେଲ, ପୃଥିବୀରାଜ ମିଶ୍ର ପ୍ରମୁଖ ପିଲାଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରସ୍ତୁତ ହେବା ସହ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଲାଇବ୍ରେରୀର ସଦସ୍ୟ ଅର୍ଜୁନ ରଞ୍ଜନ ପଣ୍ଡା, ଗୋପରଞ୍ଜନ ଦୁବେ, ରବି ନାରାୟଣ ମିଶ୍ର, ଗୋଲକ ବିହାରୀ ମିଶ୍ର, ଉଦିତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡିଶା ଦିବସ ପାଳିତ

**କୁଚିଣ୍ଡା,୨।୪(ଡି.ଏନ.ଏ.):** ବାମରା ବ୍ଲକ ଅନ୍ତର୍ଗତ ରଙ୍ଗବତୀ ବିଲୁଙ୍ଗ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଓଡିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅନନ୍ତ କୁମାର ପଟେଲ ଓ ସଂପାଦକ ବିହାରୀ ଲାଲ ଚୌହାନ ଅତିଥି ଭାବେ ଯୋଗଦେଇ ଓଡିଶା ଦିବସର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟବସ୍ତୁରୁ ଆୟ କରୁଛି ଏସ୍ଏମସି

- ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରେ ତିଆରି ହେଉଛି ଖତ
- ପୂର୍ବରୁ ୯ ଥିଲା, ଏବେ ୨ ନିର୍ମାଣାଧୀନ

**ସମ୍ବଲପୁର,୨।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ଆରମ୍ଭ କରାଯାଇଥିଲା। ପ୍ରାୟ ୩ ବର୍ଷରେ ଏସ୍ଏମସି ଅଧୀନ ବିଭିନ୍ନ ଅଞ୍ଚଳରେ ମୋଟ ୯ ଗୋଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏଭଳି ପରିସ୍ଥିତିରେ ଠେମରା ଓ ଗୁଜାତଳଠାରେ ଆଉ ଦୁଇଟି ପ୍ଲାଣ୍ଟ ନିର୍ମାଣାଧୀନ ରହିଛି। ଖୁବଶୀଘ୍ର ୨ ଗୋଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଯିବ। କାର୍ଯ୍ୟକ୍ଷମ ଥିବା ପ୍ଲାଣ୍ଟରେ ସହରରୁ ସଂଗୃହୀତ ବର୍ଜ୍ୟବସ୍ତୁରୁ ଖତ ତିଆରି କରି ଏସ୍ଏମସି ଟଙ୍କା ମଧ୍ୟ ଆୟ କରୁଛି। ଏପଟେ ପରିବେଶ ସୁରକ୍ଷା ଅନ୍ୟପଟେ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇପାରୁଛି ଏହି ପ୍ଲାଣ୍ଟ। ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଶୁଖିଲା ଓ ଓଦା ମିଶି ପ୍ରାୟ ୧୦୦ ଟନ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥାଏ। ସେଥିମଧ୍ୟରୁ ୫୫ ଟନ ବର୍ଜ୍ୟବସ୍ତୁ ଖତ ହୋଇପାରିବ। ଗୋଟିଏ ପ୍ଲାଣ୍ଟରେ ପ୍ରତିଦିନ ୫ ଟନ ଖତ ତିଆରି କରି ପାରିବାର କ୍ଷମତା ରହିଛି। ଠେମରା ଓ ଗୁଜାତଳ ପ୍ଲାଣ୍ଟର ଭିତ୍ତିଭୂମି କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ଏଥିରେ ଆନୁସଙ୍ଗିକ ମେସିନ, ବିଦ୍ୟୁତ ଓ ଅନ୍ୟାନ୍ୟ ସାମଗ୍ରୀ କିଣା କାମ ବାକି ରହିଛି। ପ୍ରାୟ ୨ ମାସ ଭିତରେ ଏହି କାମ ଶେଷ ହୋଇ



ସମ୍ବଲପୁର ମହାନଗର ନିଗମ ରାସନପୁରଠାରେ ନିର୍ମାଣ ହୋଇଥିବା ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ।

କାର୍ଯ୍ୟକ୍ଷମ ହୋଇଯିବ ବୋଲି ଏସ୍ଏମସି ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଏସ୍ଏମସି ବର୍ଜ୍ୟବସ୍ତୁରୁ ଦୁଇ ପ୍ରକାର ରାଜସ୍ୱ ଆଦାୟ କରୁଛି । ଗୋଟିଏ ମୋ ଖତ ଯୋଜନା। ପନିପରିବା ଓଦା ସାମଗ୍ରୀରୁ ଖତ ତିଆରି କରି ବିକ୍ରି କରାଯାଉଛି। ବିଭିନ୍ନ ୱାର୍ଡରେ ମୋ ଖତ ବିକ୍ରୟ କେନ୍ଦ୍ରଗୁଡିକ ରହିଛି। ଏଥିରେ ଏସଏଚଜି ମହିଳାମାନେ ନିୟୋଜିତ ରହିଛନ୍ତି। ଖତ ତିଆରି କରିବାରେ ମଧ୍ୟ ଏସଏଚଜି ମହିଳା ମାନେ କାମ କରୁଛନ୍ତି। ଅନ୍ୟପଟେ ପ୍ଲାଷ୍ଟିକ, ଲୁହା, ଟିଣ, ପଲିଥିନ ଭଳି ୧୬ ପ୍ରକାର ସାମଗ୍ରୀ ବିକ୍ରି କରି ମଧ୍ୟ ରାଜସ୍ୱ ଆଦାୟ କରାଯାଉଛି। ବ୍ୟାଟେରିଚାଳିତ ୮୦ ଗୋଟି ଅଟୋ ପ୍ରତିଦିନ ବର୍ଜ୍ୟବସ୍ତୁ ସଂଗ୍ରହରେ ନିୟୋଜିତ ହୋଇଛି। ଆଉ ୩୦ ଗୋଟି ବ୍ୟାଟେରି ଅଟୋ ଖୁବଶୀଘ୍ର ଲୋକର୍ପଣ କରାଯିବ ବୋଲି ସେ କହିଥିଲେ। ଏ ବାବଦରେ ବାର୍ଷିକ ଲକ୍ଷାଧିକ ଟଙ୍କା ଆୟ ହେଉଛି।

ସୂଚନାଯୋଗ୍ୟ, ସହରର ୬ଟି ସ୍ଥାନରେ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏସଏଚଜି ମହିଳମାନେ କମ୍ପୋଷ୍ଟ ପ୍ଲାଣ୍ଟକୁ ତଦାରଖ କରିବା ସହ ପରିଚାଳନା କରିବେ ବୋଲି ସ୍ଥିର କରାଯାଇଛି। ଏହାସହ ୩ ଗୋଟି ମେଟିରିଆଲ ରିକୋଭରି ସେଣ୍ଟର (ଏମଆରଏଫ) ଫେସେଲେଟି ମଧ୍ୟ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଘରୁ ସଂଗ୍ରହ ହେଉଥିବା ବର୍ଜ୍ୟ ବସ୍ତୁକୁ ପୃଥକ ପୃଥକ କରାଯିବ। ଖତ ହେଲା ଭଳି ସାମଗ୍ରୀ ପୃଥକ କରାଯାଇ ଟାଙ୍କିରେ ରଖାଯିବ। ୧୫ ଦିନ ପରେ ତାହା କମ୍ପୋଷ୍ଟ ତିଆରି କରାଯିବ। ତାହା ବଜାରରେ ବିକ୍ରି କରିବାର ସୁବିଧା ରହିଛି। ଫଳରେ ଏଥିରେ ମହିଳମାନେ ଲାଭ ପାଇ ପାରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬ ଟି ସ୍ଥାନରେ ରାସନପୁର, ଚାଆଁରପୁର, ବାଲିବନ୍ଧା, ଦୁର୍ଗାପାଲି, ବୁର୍ଲା, ହୀରାକୁଦ ପ୍ରକଳ୍ପ ନିର୍ମାଣ ହୋଇଛି। ସେହିପରି ପ୍ଲାଷ୍ଟିକ, ଆଲୁମିନିୟମ, ଲୁହା, କାଚ ଭଳି ସାମଗ୍ରୀକୁ ନଷ୍ଟ କରିବା ପାଇଁ ୩ଟି ସ୍ଥାନରେ ଏମଆରଏଫ ପ୍ଲାଣ୍ଟ ନିର୍ମାଣ ହୋଇଛି। ସବୁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ରହିଛି। ଗୋଟିଏ ପ୍ଲାଣ୍ଟର ବ୍ୟୟ ଅଟକଳ ପ୍ରାୟ ୭୯ ଲକ୍ଷ ରହିଛି। ପ୍ରତିଦିନ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଅନ୍ୟ ସମାଗ୍ରୀକୁ ପୃଥକ ପୃଥକ କରାଯିବ। ଯେଉଁ ସାମଗ୍ରୀ କମ୍ପୋଷ୍ଟରେ ପରିଣତ ହେବ ତାହା ରଖାଯାଇ ଖତ ତିଆରି କରାଯିବ। ଏହା ହେବା ଫଳରେ ପରିବେଶ ପ୍ରଦୂଷଣ ମଧ୍ୟ କମିଯିବ ବୋଲି ଆଶା କରାଯାଉଛି।

# ଉଲଗୁଲାନ ସ୍ମାରକୀରେ ଭାରତୀ ଉତ୍ସବ


ବୁଢାରଜା ଉଲଗୁଲାନ ସ୍ମାରକୀଠାରେ ରବିବାର ଅନୁଷ୍ଠିତ ଭାରତୀ ଉତ୍ସବ ।

**ସମ୍ବଲପୁର,୨।୪(ବ୍ୟୁରୋ)**

ଭାରତୀ ସମାଜର ୨୩ତମ ସ୍ଥାପନ ଦିବସ ଭାରତୀ ଉତ୍ସବ ବୁଢାରଜା ଉଲଗୁଲାନ ସ୍ମାରକୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀ ସମାଜର ପ୍ରାନ୍ତୀୟ ସଂଯୋଜକ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବୁଢାରଜା ଉଲଗୁଲାନ ସ୍ମାରକୀଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବୁଢାରଜା ମନ୍ଦିର ପୂଜକ ରାଜା ସିଂହ ପୂଜା ବିଧାନ କରି ବୀର ସୁରେନ୍ଦ୍ର ସାଏ, ବଳରାମ ସିଂହ, ମାଧୋସିଂହ, ବୀର ଛବିଲ ସାଏ, ଉଦନ୍ତ ସାଏ ପ୍ରଭୃତି ବୀରମାନଙ୍କ ନାମରେ ବୃକ୍ଷଗୁଡିକୁ ସମର୍ପଣ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବୁଢାରଜା ମନ୍ଦିର ପୂଜକ ରାଜା ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀ ସମାଜର ସଞ୍ଚାଳକ ଭବାନୀଶ ଭୋଇ, ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ଭୋଇ, ସୁବୋଧ କୁମାର ଦୋରା, ଭାରତୀ ସମାଜ ସମ୍ବଲପୁର ସଂଯୋଜକ ଡ. ଯୁବରାଜ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

### ସମ୍ବଲପୁରୀ କବିତା ପାଠୋତ୍ସବ

ସମର୍ପଣ ଉତ୍ସବ ପରେ କବୟିତ୍ରୀ ମମତା ନାଥ ଓ କବି ଲଳିତ ବେବର୍ତ୍ତାଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ଦେବଗଡ଼, ବରଗଡ, ଝାରସୁଗୁଡା, ବଲାଙ୍ଗୀର ଅଞ୍ଚଳର କବିମାନେ ସାମିଲ ହୋଇଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ମହିଳା ସଂଯୋଜିକା କାନ୍ତି ମେହେର, ରାଜେଶ ସ୍ୱାଇଁ, କମଲ ଷଡଙ୍ଗୀ , ସୁସ୍ମିତ କୁମାର ପଣ୍ଡା, ଗଦାଧର ନିଆଲ, ମାନସ ରଞ୍ଜନ ବକ୍ସି, ସୁରେନ୍ଦ୍ର ବଗର୍ତ୍ତି, ଶାନ୍ତାନୁ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ଝୁଲଣ କେନ୍ଦ୍ରରେ ଶିଶୁ କନ୍ୟା

**ସ୍ୱାସ୍ଥ୍ୟ ପରୀକ୍ଷା ପରେ ପୋଷ୍ୟ ସନ୍ତାନ କେନ୍ଦ୍ରକୁ ଗଲା**

**ସମ୍ବଲପୁର,୨।୪(ବ୍ୟୁରୋ)**

ସାମାଜିକ ବାସନ୍ଦ, ଲୋକଲଜ୍ଜା, ପରିବାର ଭୟ ଭଳି ଅନେକ କାରଣରୁ ଅବାଞ୍ଛିତ ମାତୃତ୍ୱ ଲାଭ କରୁଥିବା ମହିଳା ଓ କୁମାରୀ ମା'ମାନେ ନବଜାତ ଶିଶୁକୁ ବିପଦ ମୁହଁକୁ ଠେଲି ଦେବା ଘଟଣା ଦିନକୁ ଦିନ ବଢି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଶିଶୁ ଝୁଲଣ କେନ୍ଦ୍ର ଖୋଲିଥିଲେ। ସମ୍ବଲପୁର ଜିଲାରେ ମୋଟ ୧୮ଗୋଟି ଶିଶୁ ଝୁଲଣ କେନ୍ଦ୍ର ଖୋଲାଯାଇଛି। ତେବେ ଶନିବାର ରାତିରେ ମାନେଶ୍ୱର ବ୍ଲକ ଧମା ଥାନା ଅଧୀନ ରୁକମଣିଲାଠ ବାଳ ନିକେତନରେ ଥିବା ଝୁଲଣ କେନ୍ଦ୍ରରେ କେହି ଜଣେ ଯୁବତୀ ଏକ ଶିଶୁ କନ୍ୟା ଛାଡି ଦେଇ ପଳାଇ ଯାଇଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁକନ୍ୟାକୁ ରୁକମଣିଲାଠ ପରିସରରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରରେ ରଖାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି।

ପୋଷ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରାତି ପ୍ରାୟ ୮ଟା ସମୟରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଓ ଜଣେ ଯୁବତୀ ଆସିଥିଲେ। ଯୁବତୀ ଜଣଙ୍କ ଶିଶୁକନ୍ୟାକୁ ଆଣି ଝୁଲଣ କେନ୍ଦ୍ରରେ ଥୋଇ ଦେଇଥିଲେ। ଏହାପରେ ସେ ଚାଲି ଯାଇଥିଲେ। ଏହା ଦେଖି ସମ୍ପୃକ୍ତ ଯୁବତୀଙ୍କୁ କର୍ତ୍ତୃପକ୍ଷ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ଆଉ ପଛକୁ ନ ଚାହିଁ ଚାଲି ଯାଇଥିଲେ। ଯୁବତୀ ଜଣଙ୍କ ଶିଶୁକନ୍ୟାର ମାଆ କିମ୍ବା ସମ୍ପର୍କୀୟ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏନେଇ ବାଳ ନିକେତନର ଅଧକ୍ଷା ନଳିନୀ ପ୍ରଧାନଙ୍କୁ ଖବର ଦିଆଯିବା ପରେ ତାଙ୍କ ପରାମର୍ଶ ଅନୁସାରେ ଅନୁଷ୍ଠାନର ସଦସ୍ୟ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିଶୁକନ୍ୟା ୩ ଦିନ ପୂର୍ବରୁ ଜନ୍ମ ହୋଇଥିବା ଜଣାପଡିଛି। ଏହି ଅନୁଷ୍ଠାନରେ ପୂର୍ବରୁ ୧୩ ଜଣ ଶିଶୁ ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ସରକାରଙ୍କ ସ୍ପେଶିଆଲ୍ ଏଡପସନ୍ କେନ୍ଦ୍ର ଜରିଆରେ ଏହି ଅନାଥ ଛୁଆମାନଙ୍କୁ ବହୁ ନିଃସନ୍ତାନ ଦମ୍ପତି ନିଜର ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରୁଛନ୍ତି। ଏପରି କି ବିଦେଶରୁ ମଧ୍ୟ କେତେକ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିବାର ସୁଯୋଗ ପାଉଛନ୍ତି।

### ପୁଣି ଏକ ଗାଈକୁ ଖାଇଲା କଲରାପତରିଆ

**ନୂଆପଡ଼ା ଅଫିସ,୨।୪**

ନୂଆପଡା ଜିଲା କୋମନା ବନାଞ୍ଚଳ ତରବୋଡ ସେକସନ ସିଆଲଲଟି ବିଟ ବେଲରଦନା ଗାଁରେ ପୁଣି ଏକ ଗାଈକୁ ମାରି ଖାଇଛି କଲରାପତରିଆ। ଗାଁ ପାଖ ବଙ୍ଗାଘାଟି ଜଙ୍ଗଲ ଭିତରେ ଗାଈର ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଗାଈର ତଣ୍ଟିରେ ଆଘାତ ଲାଗିଥିବାବେଳେ ପେଟକୁ ଫାଡି ଦେଇଛି।

ପ୍ରାପ୍ତ ସୂଚନା ମୁତାବକ ଶନିବାର ସନ୍ଧ୍ୟାରେ ବେଲଦନା ଗାଁର ଅର୍ଜୁନ ଧରୁଆ ଗାଈ, ବାଛୁରୀ, ଛେଳି, ମେଣ୍ଢା ଗୁହାଳରେ ବାନ୍ଧି ରଖିଥିଲେ। ସକାଳେ ଉଠି ଦେଖିବା ବେଳକୁ ଗୁହାଳରେ ଗୋଟିଏ ଗାଈ ନ ଥିଲା। ପରିବାର ଲୋକେ ବହୁତ ଖୋଜାବା ପରେ ଗାଁ ପାଖ ବଙ୍ଗାଘାଟି ଜଙ୍ଗଲ ଭିତରେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବାରୁ ଗାଈର ଶରୀରରେ କ୍ଷତବିକ୍ଷତ କରି ଖାଇ ଦେଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଗାଈକୁ ବାଘ ଶିକାର କରିଥିବା ଗାଁ ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ପଡିଥିବା ଅଳ୍ପ ଦୂରରେ ୨ଜଣ ମହୁଲଫୁଲ ଗୋଟାଉ ଥିବା ସମୟରେ ଗାଈର ମୃତଦେହ ପାଖକୁ ପୁଣି ବାଘ ଆସିବାରୁ ସେମାନେ ଜୀବନ ବିକଳରେ ଛାଡି ପଳାଇ ଆସିଥବା କହିଛନ୍ତି। ବେଲରଦାନା ଗାଁରେ ଗାଈକୁ ବାଘ ଖାଇବା ଖବର ପାଇଁ କୋମନା ବନ ବିଭାଗ ପକ୍ଷରୁ ଫରେଷ୍ଟର ଗୋପାଳ ମହାନନ୍ଦ, ଜୟଲାଲ ପ୍ରକାଶ ଶୁକ୍ଳା, ଫରେଷ୍ଟ ଗାର୍ଡ ବିଜୁଳ କୁମାର ରାଉତ ରାୟ, ଉତ୍ତମ ମେହେର, ପାରେଶ ଧରୁଆ, ଜୟଦେବ ସାହୁ, ସୁରେନ୍ଦ୍ର ନିଆଲ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ସହ ବାଘର ଗତିବିଧି ଉପରେ ଅନୁଧ୍ୟାନ କରୁଛନ୍ତି।

# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବିଧବା ମଞ୍ଜୁଙ୍କ ପରିବାର


ମଞ୍ଜୁ ଦୁର୍ଗାଙ୍କ ପରିବାର ।

- ମିଳୁନି ବିଧବା ଭତ୍ତା, ଟଙ୍କିକିଆ ଚାଉଳ
- ପ୍ରଧାନମନ୍ତ୍ରୀ ଆବାସ ଗୃହ ସ୍ୱପ୍ନ

**ପଲମ,୨।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରା ପଞ୍ଚାୟତସ୍ଥିତ ଟୁଟିଙ୍ଗ ଗ୍ରାମରେ ଅସହାୟ ଅବସ୍ଥାରେ ରହୁଛନ୍ତି ବିଧବା ମଞ୍ଜୁ ଦୁର୍ଗା(୫୦)ଙ୍କ ପରିବାରବର୍ଗ। ପରିବାର ପ୍ରତିପୋଷଣ କରିବା ପାଇଁ ରାଜ୍ୟ ବାହାରୁ କାମ କରିବାକୁ ଯାଇଥିଲେ ମଞ୍ଜୁଙ୍କ ସ୍ୱାମୀ ସାଧୁରାମ ଦୁର୍ଗା। କିନ୍ତୁ ରୋଜଗାର ଅର୍ଥ ଆଣିବା ବଦଳରେ ତାଙ୍କର ମୃତଦେହ ଘରକୁ ଆସିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ବିଧବା ମଞ୍ଜୁଙ୍କ ଦୁଃଖଦ କାହାଣୀ ଆରମ୍ଭ ହୋଇଛି। ପରିବାର କହିଲେ ୨ ଝିଅ। ବଡ଼ କାଜଲ ୧୩ ବର୍ଷ ଓ ଅନ୍ୟ ଝିଅ ଅନିତା ଦୁର୍ଗା ବୟସ ୮ବର୍ଷ। ସ୍ୱାମୀ ପରିବାର ଛାଡି ଆରପାରିକୁ ଚାଲିଗବା ପରେ ସ୍ତ୍ରୀ ଅନେକ କଷ୍ଟ ବିଡମ୍ବନା ସହି ଆସୁଛନ୍ତି। ହେଲେ ତାଙ୍କୁ ନା ମିଳୁଛି ବିଧବା ଭତ୍ତା ନା ମିଳୁଛି ପ୍ରଧାନମନ୍ତ୍ରୀ ଆବାସ ଗୃହ କିମ୍ବା ଟଙ୍କିକିଆ ଚାଉଳ। ଏମିତି ଦୁର୍ଦ୍ଦିନରେ ଜିବନ ଯାପନ କରୁଥିବା ବେଳେ ଓଳିଏ ଖାଇ ଓଳିଏ ଉପବାସ ରହୁଥିବା ବେଳେ ପାଖ ପଡୋଶୀଙ୍କ ସହଯୋଗରେ ଜୀବନ ବଞ୍ଚାଇ ରହିଛନ୍ତି। ଝିଅ କାଜଲ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଅନୀତା ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ଅସହାୟ ଗରିବ ବିଧବା ସ୍ତ୍ରୀଙ୍କ ସାହା ହେବାକୁ କେହି ନାହାନ୍ତି। ୨ ଝିଅମାନଙ୍କର ପାଠ ପଢାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ କିପରି ପରିପୋଷଣ କରିବେ ତାହା ଭଗବାନଙ୍କ ଉପରେ ଭରସା କରି ରହିଛନ୍ତି ବିଧବା ମଞ୍ଜୁ। ବର୍ତ୍ତମାନ ବିଧବା ସ୍ତ୍ରୀ ଜଣକ ମାନସିକ ଚାପରେ ପଡିରହୁଛନ୍ତି। ନର୍ଲା ବିଡିଓ ତଥା କଳାହାଣ୍ଡି ଜିଲାପାଳ ଏହି ପରିବାରକୁ ସହାୟତ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ


କବି ସମ୍ମିଳନୀ ଅବସରରେ ଯୋଗ ଦେଇଥିବା ଅତିଥି ।

**ଜମନକିରା,୨।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକର ବାବା ମୁକ୍ତେଶ୍ୱର ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ଓ ସୁବର୍ଣ୍ଣ ସ୍ମୃତି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ମୁରଲୀଧର ନାଏକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ମହାପାତ୍ର, ମୁଖ୍ୟବକ୍ତା ଭାବେ ଓମ୍ ପ୍ରକାଶ ଯୋଶୀ ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ ଦେବଗଡ଼, ସମ୍ବଲପୁର, ବରଗଡ ଓ ଝାରସୁଗୁଡ଼ା ଜିଲାର ବହୁ ଅନେକ କବି ଓ କବୟିତ୍ରୀ ଯୋଗଦାନ କରିଥିଲେ। ଫାଶୀମାଲ ଆଞ୍ଚଳିକ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ଦଳବେହେରା କବିତାଗୁଡିକର ସଂଯୋଜନା କରିଥିଲେ। କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସେଥିମଧ୍ୟରୁ ଅନେକ କବିତା ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଅନେକ କବି ଓ କବୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ସମ୍ପାଦକ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମନୋମାଳିନ୍ୟ ଭୁଲି ଲୋକଙ୍କ ପାଖକୁ ଯାଇ କାମ କର'

**ଅସନ୍ତୋଷ ବ୍ୟକ୍ତ କଲେ ପୁରୁଣା କର୍ମୀ**

**ସମ୍ବଲପୁର,୨।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ଭତରା ଗ୍ରାମଠାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ରେଢାଖୋଲ ନିର୍ବାଚନମଣ୍ଡଳୀ ବିଧାୟକ ରୋହିତ ପୂଜାରୀ ଦଳର କର୍ମକର୍ତ୍ତାଙ୍କୁ ନେଇ ଦଳ କାର୍ଯ୍ୟପନ୍ଥା ଉପରେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାପରିଷଦ ସଭ୍ୟ ତଥା ଉପସଭାପତି ମାଧବ ମିର୍ଦ୍ଧା, ସଭ୍ୟା କବିତା ସାହୁ, ବିଜେଡି ବ୍ଲକ ସଭାପତି ବିନୋଦ ବଡପଣ୍ଡାଙ୍କ ସମେତ କେତେକ ପୁରୁଣା କର୍ମୀ ଓ ବ୍ଲକର ଦଳର ପଞ୍ଚାୟତ ସଭାପତି, ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହିଥିଲେ। ଯୁଯୁମୁରା ବ୍ଲକରେ ଦଳ କିଭଳି କାମ କରୁଛି ସେ ନେଇ ଆଲୋଚନା ହୋଇଥିଲା। କେତେକ ପୁରୁଣା କର୍ମୀ କାର୍ଯ୍ୟ ସଂପାଦନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ନିଜର ଅସନ୍ତୋଷ ଜାହିର କରି କହିଥିଲେ, ସଂଗଠନ କ୍ଷେତ୍ରରେ ଦଳ ଠିକ ଭାବେ କାମ କରୁନାହିଁ। ଯାହାକୁ ଦାୟିତ୍ୱ ଦିଆଯାଉଛି ସେମାନେ କାର୍ଯ୍ୟ ସମ୍ପାଦନା କରୁନାହାନ୍ତି। ଦଳୀୟ କର୍ମୀଙ୍କ ସମସ୍ୟା ଥିଲେ ମଧ୍ୟ କେହି ସହଯୋଗ କରୁନାହାନ୍ତି ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ପଞ୍ଚାୟତ ସ୍ତରରେ ଦଳକୁ ଆହୁରି ମଜଭୁତ କରିବାକୁ ହେବ। ଏଣୁ ନିଜ ଭିତରେ ମନୋମାଳିନ୍ୟ ଭୁଲିଯାଇ ଏକାଠି ହୋଇ କାମ କଲେ ଦଳ ସଂଗଠିତ ହେବ। ରାଜ୍ୟ ସରକାରଙ୍କ ଅନେକ ଲୋଭାଭିମୁଖୀ ଯୋଜନା ରହିଛି। ତାହା ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ। ସାମାଜିକ, ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଲୋକଙ୍କୁ ସାହାଯ୍ୟ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଏଭଳି କଲେ ଲୋକଙ୍କ ଆସ୍ଥାଭାଜନ ହୋଇ ପାରିବା। ପ୍ରତି ପଞ୍ଚାୟତରେ ସଦସ୍ୟ ସଂଖ୍ୟା ବୃଦ୍ଧି କର। ଯେଉଁମାନେ ପୂର୍ବରୁ ରହିଥିଲେ ସେମାନଙ୍କୁ ସକ୍ରିୟ କର। ଯୁଯୁମୁରା ବ୍ଲକରେ ବିଜେଡି ବିଗତ ନିର୍ବାଚନଗୁଡିକରେ ଭଲ ପ୍ରଦର୍ଶନ କରିଥିଲା, ତାହା ଠାରୁ କିପରି ଆହୁରି ଅଧିକ ଭଲ ପ୍ରଦର୍ଶନ ହେବ ସେନେଇ କାମ କର ବୋଲି ସେ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ବିଜେଡି ବ୍ଲକ ସଭାପତି ବଡପଣ୍ଡା କହିଛନ୍ତି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଦଳକୁ ସଂଗଠିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ସଭ୍ୟ ସଂଖ୍ୟା ବ୍ଲକରେ ଠିକ ଅଛି । ଆହୁରି ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି ଯାହାକି ଆଗାମୀ ଦିନରେ ହୋଇଯିବ। ଆଗାମୀ ନିର୍ବାଚନରେ ବିଜେଡି ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଥିଲେ।

# ଭାଷା ସଂସ୍କୃତିକୁ କରିଥାଏ ଋଦ୍ଧିମନ୍ତ

**ସମ୍ବଲପୁର,୨।୪(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ଅଧାପନା ପ୍ରକୋଷ୍ଠ-୧ ଠାରେ ଓଡିଶା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗାରାଜୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପ କୁଳସଚିବ ଡ.ଉମାଚରଣ ପତି, ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଡ. ଅଞ୍ଜଳି ତ୍ରିପାଠୀ ଏବଂ ଇଶ୍ୱର ଚନ୍ଦ୍ର ବହିଦାର ବକ୍ତା ଭାବେ ଯୋଗ ଦେଇଥିଲେ । ଆମ ଭାଷା ଆମର ପରିଚୟ । ଭାଷା ସଂସ୍କୃତିକୁ ଋଦ୍ଧିମନ୍ତ କରିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ। ନିଜ ରାଜ୍ୟକୁ ଶ୍ରେଷ୍ଠ ରାଜ୍ୟରେ କିପରି ପରିଣତ କରିବା ସେ ସଂପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡିଶାର କଳା, ସଂସ୍କୃତି ଓ ପରମ୍ପରା ଆଧାରିତ କବିତା ଆସର ଏବଂ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ମୃତିକା ମିଶ୍ର, ଗାୟତ୍ରୀ ତ୍ରିପାଠୀ, କୁଞ୍ଜବିହାରୀ ଷଣ୍ଢ, ତୃଷ୍ଣା ଦାସ, ଅଙ୍କିତ ଷଡ଼ଙ୍ଗୀ, ସାଇକୀର୍ତ୍ତି ବାବୁ ସଙ୍ଗୀତ ଗାନ କରିଥିଲେ। ବବି ଦାସ, ବାବୁନ ଦଣ୍ଡସେନା, ଶ୍ୱେତା ଚାଟାର୍ଜୀ, ଶୁଶାନ୍ତ ସାହୁ, ବିଜୟଲକ୍ଷ୍ମୀ ପଟେଲ ସ୍ୱରଚିତ କବିତା ପାଠ କରିଥିଲେ। ଅଧାପକମାନଙ୍କ ମଧ୍ୟରେ ପରୀକ୍ଷିତ ଭୋଇ ମଧ୍ୟ ସ୍ୱରଚିତ କବିତା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଆୟୁଷ ବଡ଼ାଇଙ୍କ ଦ୍ୱାରା ଲିଖିତ ଓଡ଼ିଆ ଗଳ୍ପ ରଫଖାତା କୁଳପତିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ। ଶେଷରେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ.ପ୍ରିୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ରଫ୍‌ଖାତାକୁ ଉନ୍ମୋଚନ କରୁଛନ୍ତି ।

**ରଫ୍‌ଖାତା ଉନ୍ମୋଚିତ**

## ସଂକ୍ଷେପରେ

### ଗୋଟିଏ ବର୍ଷରେ ଭାଙ୍ଗିଲା ସେଲ୍ଫି ପଏଣ୍ଟ



ଖଡ଼ିଆଲ,୨।୪(ଡି.ଏନ.ଏ.): ରାଜ୍ୟ ସରକାର ଆମୋଦପ୍ରମୋଦ ସହିତ ମନରଞ୍ଜନ ପାଇଁ ପ୍ରତ୍ୟକ ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ଜନ ବସତି ଛକରେ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ସେଲ୍ଫି ପଏଣ୍ଟମାନ ନିର୍ମାଣ ହୋଇଥିଲା। ନିର୍ମାଣ ସମୟରେ ସେଲ୍ଫି ପଏଣ୍ଟଗୁଡିକ ଲୋକମାନଙ୍କୁ ବେଶ ଆଦୃତ କରିଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସେଲ୍ଫି ପଏଣ୍ଟ ଭାଙ୍ଗିପଡ଼ିଥିବା ନଜରକୁ ଆସୁଛି। ଏଭଳି ଘଟଣାର ନୂଆପଡ଼ା ଜିଲା ଖଡ଼ିଆଳଠାରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଖଡ଼ିଆଳଠାରେ ଥିବା ବ୍ଲକ ଛକ ଓ ଆମ୍ବେଦକର ଛକଠାରେ ଦୁଇ ଗୋଟି ସେଲ୍ଫି ପଏଣ୍ଟ ଛଅ ଲକ୍ଷ ବିନିମୟରେ ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବର୍ତ୍ତମାନ ସେଲ୍ଫି ପଏଣ୍ଟ ଭାଙ୍ଗିଯାଇ ଥିବା ବେଳେ ଘାସ ଶଙ୍ଖୁ ସହିତ ଅଳିଆ ଆବର୍ଜନା ପଡିରହିଛି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ସେଲ୍ଫି ପଏଣ୍ଟର ରକ୍ଷଣାବେକ୍ଷଣ କରିବା ପାଇଁ ଦାବି ହେଉଛି। ବର୍ତ୍ତମାନ ଏହାକୁ ପୁଣି ମରାମତି ଚାଲିଛି। ଗୋଟିଏ ବର୍ଷ ନ ପୁରୁଣୁ ପୁଣି ଥରେ ମରାମତି ଚାଲିଛି।

### ଜିଲା ଗଠନ, ଓଡ଼ିଶା ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ନୂଆପଡ଼ା ଅଫିସ,୨।୪: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆଦର୍ଶ ଗ୍ରାମ ପଞ୍ଚାୟତ କୁଲିଆବନ୍ଧା ଓ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ବା ଜିଲା ଗଠନ ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, କୁଲିଆବନ୍ଧା ସରପଞ୍ଚ ସନ୍ତରାମ ପାଣ୍ଡେ, ନୂଆପଡା ରକ୍ତଦାନ କେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ବାରିକ, ଗୋଷ୍ଠି ସହ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଚୈତରାମ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ଚ୍ୟାରମେନ ସେବକ ରାମ ପଟେଲ, ସିଆରସିସି ଦିନେଶ ମାଝି, ଲୋହିତ ଶବର, ହିରାଲାଲ ପଟେଲ ଅତିଥି ଭାବରେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ମୋଟ ୪୧ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା, କିଶୋର କୁମାର ପରିଡା, ଲୀଳାବାଈ ଶବର, ଗୁଣସାଗର ଭୋଇ, ରବି ଶଙ୍କର ଭୋଇ, ନାନ୍ତା ମାଝି, ଛବିଲ ନିଆଲ, ଥାନସିଂ ଠାକୁର, ପୁସ୍ତମ ମାଝି, ଘନଶ୍ୟାମ ପଟେଲ, ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।



ରକ୍ତଦାତା ବୃନ୍ଦ।

# ଜୁନାଗଡ଼ ବ୍ୟାଡ୍‌ମିଣ୍ଟନ ଆସୋସିଏଶନରେ ଫାଟ

■ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ଉପସଭାପତି ଓ ସହସମ୍ପାଦକ ଦେଲେ ଇସ୍ତଫା
■କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଛି ଇନ୍‌ଡୋର
■ଇଚ୍ଛାଶକ୍ତି ଅଭାବରୁ ହୋଇପାରୁନି ଟୁର୍ନାମେଣ୍ଟ

ଭବାନୀପାଟଣା,୨।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ୟାଡ୍‌ମିଣ୍ଟନ ଆସୋସିଏଶନରେ ଏବେ ଫାଟ ଦେଖିବାକୁ ମିଳିଛି। ଏକାଥରକେ ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ଉପସଭାପତି ଓ ସହସମ୍ପାଦକ ସମେତ ୪ଜଣ ଇସ୍ତଫା ଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷ ଭାବେ ସମ୍ପାଦକ ସମୀର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ ପଣ୍ଡା, ଉପସଭାପତି ଜଳି ପରାଭୋଇ ଓ ସହସମ୍ପାଦକ ରଶ୍ମିତା ଶବର ପ୍ରମୁଖ ମାର୍ଚ୍ଚ ୧୩ ତାରିଖରେ ଘରୋଇ ଅସୁବିଧା କିମ୍ବା ଅନ୍ୟ କୌଣସି ଅସୁବିଧାରୁ ନିଜ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ଇସ୍ତଫାପତ୍ର ଆଜି ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ଅଞ୍ଚଳରେ ଖେଳର ବିକାଶ ଓ ବହୁ ମାତ୍ରାରେ ଜିଲାସ୍ତରୀୟ, ରାଜ୍ୟସ୍ତରୀୟ ତଥା ଅନ୍ତର୍ଜାତିକ ଖେଳାଳି ସୃଷ୍ଟି କରିବା ପାଇଁ ଜୁନାଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ କ୍ରିକେଟ ଷ୍ଟାଡିୟମ ପରିସରରେ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଉଡେନ ସିନ୍ଥେଟିକ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଏଥିରେ ଏକା ସାଙ୍ଗରେ ୩ଟି ମ୍ୟାଚ ମଧ୍ୟ ଅନୁଷ୍ଠିତ ହୋଇପାରିବ। ଏହି ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଅଛନ୍ତି। ଗତ ଏକ ବର୍ଷ ହେବ କୌଣସି ମିଟିଂ କିମ୍ବା କୌଣସି ଟୁର୍ନାମେଣ୍ଟ ହୋଇନାହିଁ। ଫଳରେ ଅନେକ ଖେଳାଳିଙ୍କୁ କିଛି ଶିଖିବାକୁ ମିଳୁନାହିଁ। ଅନେକ ଖେଳାଳି କେବଳ ଶରୀରକୁ ଫିଟ ରଖିବା ଭଳି ବ୍ୟାୟାମ କରି ଚାଲିଯାଉଛନ୍ତି। କିଛି ସଭ୍ୟ ଅଛନ୍ତି ନିଜ ନିଜକୁ ସୁହାଇଲା ଭଳି କାମ କରୁଛନ୍ତି। କମିଟି ନିର୍ଦ୍ଦେଶ ମଧ୍ୟ ପାଳନ କରୁନାହାନ୍ତି। ଏ ନେଇ ସଭାପତି ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହୋଇଥଲେ ସୁଦ୍ଧା ଇଚ୍ଛାଶକ୍ତି ଅଭାବରୁ କୌଣସି ଟୁର୍ନାମେଣ୍ଟ ନ ହେବା ଖେଳାଳିଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ସେହିଭଳି ଏହାର ରକ୍ଷଣାବେକ୍ଷଣ ମଧ୍ୟ ହୋଇପାରୁନାହିଁ। ଏଥିରେ ଲାଗିଥିବା କିଛି ବିଦ୍ୟୁତ୍ ବଲ୍ ମଧ୍ୟ ଖରାପ ହୋଇଗଲାଣି। ତାହା ମଧ୍ୟ ଲାଗି ପାରୁନାହିଁ। ଏ ନେଇ ସମ୍ପାଦକ ସମୀର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ବ୍ୟକ୍ତିଗତ ଭାବେ ମୋ ପରିବାରକୁ ସମୟ ଦେଇ ପାରୁ ନ ଥିବା ଯୋଗୁ ସମ୍ପାଦକ ପଦବୀରୁ ଇସ୍ତଫା ଦେଇଛି ବୋଲି କହିଥିଲେ।



ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ।

# ମା’ କାଳିକେଶ୍ୱରୀ କ୍ରିକେଟ: ବଡ଼ପୂଝାରୀଗୁଡ଼ା ଚାମ୍ପିୟନ



ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

କୋକସରା,୨।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଖେଳ ପଡ଼ିଆରେ ମା’ କାଳିକେଶ୍ୱରୀ କ୍ରିକେଟ ଆସୋସିଏସନ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜୟଲାଲ ନାଏକ, କାଳିକେଶ୍ୱରୀ କ୍ରିକେଟ ଆସୋସିଏଶନ ସଭାପତି କାର୍ତ୍ତିକ ନାଏକ, ସମ୍ପାଦକ କିରଣ ନାଏକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବଡ଼ପୁଝାରିଗୁଡା ଓ କର୍ଲାଗୁଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବଡ଼ପୁଝାରିଗୁଡା ବିଜୟୀ ହୋଇଛି। ଫାଇନାଲରେ କର୍ଲାଗୁଡା ଦଳ ୧୨ ଓଭରରେ ସମସ୍ତ ଖେଳାଳି ଆଉଟ ହୋଇ ମାତ୍ର ୯୦ ରନ କରିଥିଲେ। ଜବାବରେ ବଡ଼ପୂଝାରୀଗୁଡା ଦଳ ୨ ଖେଳାଳି ହରାଇ ଆବଶ୍ୟକ ରନ ସଂଗ୍ରହ କରି ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲେ। ଫାଇନାଲ ଖେଳ ଅମ୍ପାୟର ଭାବେ ମଧୁସୂଦନ ବେଶ୍ରା ଓ ସନ୍ତୋଷ ସତନାମୀ ପରିଚାଳନା କରିଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ବିପିନ ଧ. ମାଝି ଓ ପ୍ଲେୟର ଅଫ ଦି ମ୍ୟାଚ ତ୍ରିଭୁବନ ପଟେଲଙ୍କୁ ଦିଆଯାଇଛି। ମା’ କାଳିକେଶ୍ୱରୀ କ୍ରିକେଟ ଆସୋସିଏଶନର ଟୁକୁ ନାଏକ, ପିଣ୍ଟୁ ନାଏକ, ଦୟା ସାଗର ନାଏକ, ରମେଶ ନାଏକ, ସତ୍ୟ ପ୍ରକାଶ ନାଏକ, ଘାସିରାମ ନାଏକ, ବ୍ରଜ ମୋହନ ନାଏକ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ମେଳା ପ୍ରଦର୍ଶିତ

ଭବାନୀପାଟଣା,୨।୪(ସ୍ୱ.ପ୍ର.)

ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଔସଦମ ପାର୍କ ଠାରେ ଶନିବାର ଉତ୍କଳ ଦିବସରେ ବାର୍ଷିକ ବିଜ୍ଞାନ ମେଳା ପଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡି. ଶ୍ୟାମ ଓ ନିର୍ଦ୍ଦେଶକ ଡି. ରାମ କୁମାରଙ୍କ ତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ରବି ପଟ୍ଟନାୟକ, ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଷ୍ଣୁ ଶତପଥି, ଲେଖକ ସଞ୍ଜୟ କୁମାର ସାହୁ, ଅଧ୍ୟାପକ ସୁରେଶ ଚନ୍ଦ୍ର ପାତ୍ର ଓ ଅଧକ୍ଷ ଯୁବରାଜ ନାୟକ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଦେବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ନିର୍ଦ୍ଦେଶକ ଡି. ରାମ କୁମାର। ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ଉତ୍କଳ ଦିବସର ମହତ୍ତ୍ୱ ଓ ବିଭିନ୍ନ ବିଷୟର ପ୍ରଦର୍ଶନୀ ବିଷୟରେ ସଂକ୍ଷେପରେ କହିଥିଲେ। ନିର୍ଦ୍ଦେଶକ ଡି. ଶ୍ୟାମ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଉତ୍କଳ ଦିବସ ଓ ପ୍ରଦର୍ଶନୀ ବିଷୟରେ ଆଲୋକପାତ କରିଥିଲେ। ଆସିଥିବା ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏକାଡେମିକ ଇନଚାର୍ଜ ଡି. ବିଜୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ କରିଥିବା ବିଭିନ୍ନ ପ୍ରଦର୍ଶନୀ ଅତିଥି ଓ ଅଧିକାରୀମାନେ ପରିଦର୍ଶନ କରି ମୂଲ୍ୟଙ୍କନ କରିଥିଲେ।



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

### ମଧୁ ମାଧବ ତୀର୍ଥ କ୍ଷେତ୍ରରେ ଜଗଦାନନ୍ଦଜୀଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ

କୋକସରା,୨।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାରେ ରହିଥିବା ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ମଧୁ ମାଧବ ତୀର୍ଥ କ୍ଷେତ୍ରରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ ହେଉଛି। ଶନିବାର ଓ ରବିବାର ଦୁଇଦିନ ଧରି ଆଧାତ୍ମିକ ପ୍ରବକ୍ତା, ସଂସ୍କୃତି ଗବେଷକ, କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଧାତ୍ମିକ ଗୁରୁ ଶ୍ରୀ ଜଗଦାନନ୍ଦଜୀ ମହାରାଜ ପ୍ରବଚନରେ କହିଥିଲେ ଯଦି ଜୀବନରେ ଶାନ୍ତି ଖୋଜୁଛନ୍ତି, ଆପଣ କାହାକୁ ଅପେକ୍ଷା କରିଛନ୍ତି, ସକାଳ ଯେମିତି ଅପେକ୍ଷା କରିଥାଏ ସନ୍ଧ୍ୟାକୁ, ଜନ୍ମ ଯେମିତି ଅପେକ୍ଷା କରିଥାଏ ମୃତ୍ୟୁକୁ ଆଉ ମୃତ୍ୟୁ ଅପେକ୍ଷା କରିଥାଏ ଜନ୍ମକୁ, ଜନ୍ମ କେବଳ ମା’ ପେଟରେ ହିଁ ହୋଇଥାଏ। କିନ୍ତୁ ମୃତ୍ୟୁ କେଉଁଠି ବି ହୋଇପାରେ। ପ୍ରକୃତରେ ଶାନ୍ତି, ପ୍ରକୃତ ଆନନ୍ଦ ଯଦି ଚାହୁଁଛନ୍ତି ତା’ହେଲେ ଆଧାତ୍ମିକତା ହିଁ ଏକ ମାତ୍ର ମାର୍ଗ ବୋଲି ନିଜ ଦିବ୍ୟ ପ୍ରବଚନ ମାଧମରେ କହିଥିଲେ। କାର୍ଯ୍ୟକ୍ରମରେ ପୂଜ୍ୟଶ୍ରୀ ଜଗଦାନନ୍ଦଜୀଙ୍କୁ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ଉପସଭାପତି ଅଇରୀ ନାଶନ ଚିନ୍ଦା, ଘନଶ୍ୟାମ ନାଏକ, ସହସମ୍ପାଦକ ଆଦିତ୍ୟ ପଣ୍ଡା, କୋଷାଧକ୍ଷ ସୁରେଶ ଅଗ୍ରୱାଲ, ଜିତେନ୍ଦ୍ର ପଣ୍ଡା, ପ୍ରିୟାନନ୍ଦ, ମାଧବାନନ୍ଦ, ଶ୍ରୀ ଗିରିଜାନନ୍ଦ, ଲକ୍ଷ୍ମୀକାନ୍ତ ଖମାରି, ନବୀନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳିତ

କୁଟିଣ୍ଡା,୨।୪(ଡି.ଏନ.ଏ.)

ବାମରା ବ୍ଲକ ଅନ୍ତର୍ଗତ ରଙ୍ଗବତୀ ବିଲୁଙ୍ଗ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଓଡିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅନନ୍ତ କୁମାର ପଟେଲ ଓ ସଂପାଦକ ବିହାରୀ ଲାଲ ଚୌହାନ ଅତିଥି ଭାବେ ଯୋଗଦେଇ ଓଡିଶା ଦିବସର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ମନୋଜ



@ ସବ୍ୟସାଚି



@ ସୁଧିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାଲ୍ ସାର୍ଟିଫିକେଟ୍ ମାମଲାରେ ଦଳ ସମ୍ପୃକ୍ତ ନୁହେଁ

### ଜିଲା ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ

ବଲାଙ୍ଗୀର ଅଫିସ, ୨।୪

ଜାଲ୍ ସାର୍ଟିଫିକେଟ ମାମଲାରେ ବିଜେଡି ନେତା ସମ୍ପୃକ୍ତ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଖଣ୍ଡନ କରିଛି ଜିଲା ବିଜେଡି। ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଜାଲ୍ ସାର୍ଟିଫିକେଟ ମାମଲାରେ ବିଜେଡି ସମ୍ପୃକ୍ତ ନୁହେଁ ଏବଂ ଯେଉଁ ଅଭିଯୁକ୍ତମାନେ ଧରାପଡିଛନ୍ତି ସେମାନେ ବିଜେଡି ସହ ସମ୍ପୃକ୍ତ ନୁହନ୍ତି ବୋଲି କହିଛନ୍ତି। କଂଗ୍ରେସ ଦଳ ନିର୍ବାଚନରେ ବାରମ୍ବାର ପରାସ୍ତ ହେବା କାରଣରୁ ଏବଂ କୌଣସି ପ୍ରସଙ୍ଗ ଖୋଜି ପାଉନଥିବାରୁ ଏଭଳି ମିଥ୍ୟା ପ୍ରଚାର କରିଚାଲିଛି ବୋଲି କହିଥିଲେ। ଜାଲ୍ ସାର୍ଟିଫିକେଟ୍ ମାମଲାରେ ଗିରଫ ଅଭିଯୁକ୍ତ ବିଜେଡିର ଆଇଟି ସେଲରେ କେବେ ନ ଥିଲେ। ଏହା ଏକ ଭିତ୍ତିହୀନ ଅଭିଯୋଗ ବୋଲି ସେ ଦର୍ଶାଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ବିଜେଡି ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ସହ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ଫଟୋ ରହିଥିବା ନେଇ ପ୍ରଶ୍ନ କରିବାରୁ ବିଭିନ୍ନ ସମୟରେ ଦେଖାଯାଇଛି ଯେ, ଅପରାଧିମାନେ ବ୍ୟକ୍ତିଗତ ଲାଭ ପାଇଁ ବିଭିନ୍ନ ରାଜନେତାଙ୍କ ସହ ଫଟୋ ଉଠାଇଥାନ୍ତି। ସେଭଳି ଫଟୋରୁ ସମ୍ପୃକ୍ତ ନେତାଙ୍କୁ ସେଇ ଅଭିଯୁକ୍ତଙ୍କ ସହ ମିଶିଥିବା କୁହାଯାଇପାରିବ ନାହିଁ। ସେଭଳି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଏବଂ ତାଙ୍କ ପୁଅ ଅମରେନ୍ଦ୍ର ମିଶ୍ରଙ୍କ ସହ ମଧ୍ୟ ଅଭିଯୁକ୍ତଙ୍କ ଫଟୋ ରହିଛି। ଏଥିରୁ କ’ଣ କୁହାଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଅଭିଯୁକ୍ତ ମିଶ୍ର ବିଜେଡିରେ କେବେ ନଥିଲେ ଏବଂ କଂଗ୍ରେସ ଯେଉଁ ଅପପ୍ରଚାର କରୁଛି ତାକୁ ଲୋକେ ବିଶ୍ୱାସ କରିବେ ନାହିଁ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଜୀବନ ବିନ୍ଧୁ ଜିଲା ସଂଯୋଜକ ବିନୁ ଶତପଥୀ ଉପସ୍ଥିତ ଥିଲେ।

# ବରଗାଁ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ

ଖଡ଼ିଆଲ,୨।୪(ଡି.ଏନ.ଏ.)



ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁ ସେବା ସମବାୟ ସମିତିର ୫୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସମିତି ସଭାପତି ସଥ୍ୟପ୍ରିୟ ମୁଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବରିଷ୍ଠ ଚାଷୀ ଉପେନ୍ଦ୍ର ନାଥ ମୁଣ୍ଡ ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ଖଡ଼ିଆଳ ବିସିସି ବ୍ୟାଙ୍କ କେନ୍ଦ୍ର ସମବାୟ ଶାଖା ପରିଚାଳକ ସୁମିତ ରଞ୍ଜନ ଅଗ୍ରୱାଲ, ବରିଷ୍ଠ ଚାଷୀ ଅମ୍ବିକା ପ୍ରସାଦ ତ୍ରିବେଦୀ, ସମ୍ପାଦକ ଭାଗିରଥି ପଟେଲ ଓ କୋଷାଧକ୍ଷ ପଦ୍ମଲୋଚନ ମେହେର ସମ୍ମାନିତ ଅତିଥି ଏବଂ ବରିଷ୍ଠ ଚାଷୀ ସିଦ୍ଧାର୍ଥ ଯୋଷୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମବାୟ ସମିତି ଅଧୀନରେ ଥିବା ବରଗାଁ, ସାନମହେଶ୍ୱର ଓ ଖୁଦପେଜ ପଞ୍ଚାୟତର ବହୁ ଚାଷୀ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ମା’ ଅନ୍ନପୂର୍ଣ୍ଣାଙ୍କ ତୈଳ ଚିତ୍ରରେ ପୂଜା ପରେ ସମିତି ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲା। ବାର୍ଷିକ ଆୟବ୍ୟୟ ବିବରଣୀ ବିଷୟରେ ଉପସ୍ଥିତ ଚାଷୀମାନେ ଅବଗତ କରାଇଥିଲେ। ଅମୂଲ୍ୟ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ଗୋକୁଳ ଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଷ୍ଠ, ସପ୍ତମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ

### ଫୁଣ୍ଡାପଦର ମୁରଲୀଧର ପ୍ରାଥମିକ ବିଦ୍ୟାଳୟ

ଖଡ଼ିଆଲ,୨।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁକୁଲା ଗ୍ରାମପଞ୍ଚାୟତ ଫୁଣ୍ଡାପଦର ମୁରଲୀଧର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକରେ ଚାଲୁଥିବା ଜଣାପଡ଼ିଛି। ଜିଲାର ଅନେକ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ଡୁକୁଲା ଫୁଣ୍ଡାପଦର ମୁରଲୀଧର ପ୍ରାଥମିକ ବିଦ୍ୟାଳୟ ଅନ୍ୟତମ। ୧୯୯୨ରେ ସ୍ଥାପିତ ଏହି ବିଦ୍ୟାଳୟ ସରକାରଙ୍କ ଅନୁଦାନପ୍ରାପ୍ତ ହେବା ପରଠୁ ଷଷ୍ଠ ଓ ସପ୍ତମ ୨ଟି ଶ୍ରେଣୀ ପାଠପଢା ଚାଲିଛି। ବିଦ୍ୟାଳୟ ଆରମ୍ଭ ହେବା ଦିନଠାରୁ କେବଳ ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲୁଛି। କିଛିଦିନ ପୂର୍ବେ ଜଣେ ଶିକ୍ଷକଙ୍କୁ ଡେପୁଟେସନ ଦେଇ ପୁଣି ତାଙ୍କୁ ନେଇଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ୨ଟି ଶ୍ରେଣୀରେ ୪୭ଜଣ ଛାତ୍ରୀଛାତ୍ର ଥିବା ବେଳେ ଜଣେ ଶିକ୍ଷକ ଅଫିସ କାମ ସହ ଅନ୍ୟ କାମ କରୁଛନ୍ତି। ଏପରି ସ୍ଥଳେ ପାଠପଢା କିଭଳି ହେଉଥିବ ତାହା ସହଜେ ଅନୁମେୟ। ଜଣେ ଶିକ୍ଷକ କିଛି ସମୟ ଷଷ୍ଠ ଶ୍ରେଣୀ ଏବଂ କିଛି ସମୟ ସପ୍ତମ ଶ୍ରେଣୀକୁ ଯାଇ ପିଲାଙ୍କୁ ପାଠ ପଢ଼ାଇଥାନ୍ତି। ଏଥିରେ ପ୍ରତେକ ବର୍ଷ ପାଠ୍ୟ ଖସଡ଼ା ଅଧାରେ ରହିବା ସ୍ୱାଭାବିକ। ଏହି ବିଦ୍ୟାଳୟରେ ବିଶେଷ କରି ଗରିବ ଓ ଦଳିତ ସମ୍ପ୍ରଦାୟ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାରୁ ସରକାର ଏବଂ ଜିଲା ଶିକ୍ଷା ବିଭାଗ ଧ୍ୟାନ ଦେଉନାହାନ୍ତି ବୋଲି ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏବାବଦରେ ଖଡ଼ିଆଳ ସହ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତିଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟରେ ଯଥାଶୀଘ୍ର ଶିକ୍ଷକ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। କେବଳ ଶିକ୍ଷକ ସମସ୍ୟା ନୁହଁ, ବିଦ୍ୟାଳୟ ଯିବା ରାସ୍ତା ମଧ୍ୟ ଦୟନୀୟ ହୋଇପଡିଛି। ରାସ୍ତାରେ ପାଣି ଜମି କାଦୁଅ ପଚପଚ ହୋଇଛି। ଅନୁଦାନପ୍ରାପ୍ତ ଏହି ସ୍କୁଲର ୪୭ ଜଣ ଛାତ୍ରୀଛାତ୍ରଙ୍କ ସମେତ ଆଉ ଏକ ପ୍ରାଥମିକ ବିଦ୍ୟାଳୟର ୮୪ଜଣ ଛାତ୍ରୀଛାତ୍ର ଏହି କାଦୁଅ ରାସ୍ତାରେ ଯିବା ଆସିବା କରନ୍ତି। ଅନେକ ସମୟରେ ରାସ୍ତାରେ ପଡି ଯାଆନ୍ତି ବୋଲି ସେମାନେ କହନ୍ତି। ପାଣି ନିଷ୍କାସନ ସୁବିଧା ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ଏ ନେଇ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ଅଛନ୍ତି ଓ ମେ ମାସ ସୁଦ୍ଧା ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।

## ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବ୍ରଜରାଜନଗର, (ଡି.ଏନ୍.ଏ.): ଜାତୀୟ ରାଜପଥ ଏନ ଏଚ ୪୯ର ଇବ ନଦୀ ପୂର୍ବରୁ ଏକ ଅଜଣା ଗାଡି ଧକାରେ ଜଣେ ଯୁବକ (୨୩) ଗୁରୁତର ହୋଇଛନ୍ତି। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପଡ଼ିଥିବା ବାଇକରୁ ଯୁବକଙ୍କ ଘର ସୁନ୍ଦରଗଡ ଜିଲା ଭସ୍ମା ଥାନା ଅଞ୍ଚଳରେ ବୋଲି ଜଣାପଡିଛି।

# ଓଡ଼ିଆ ଭାଷା, ଜାତି ପାଇଁ ଗର୍ବ କରିବା ଉଚିତ


ମୁଖ୍ୟଅତିଥି ହକି ପ୍ରଶିକ୍ଷକ ପିଟର ତିର୍କିଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଉଛି।

### ରାଉରକେଲାରେ ଓଡ଼ିଶା ଦିବସ ପାଳିତ

ରାଉରକେଲା ଅଫିସ, ୨।୪

ରାଉରକେଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ୮୮ତମ ଓଡ଼ିଶା ଦିବସ ଶନିବାର ପାଳିତ ହୋଇଯାଇଛି। ସକାଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ସ୍ୱୀକାର କରିଥିବା ତଥା ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉଦିତନଗରଠାରୁ ଏକ ଶୋଭାଯାତ୍ରା ବାହାରି ରାଉରକେଲା ଷ୍ଟେଶନ ରୋଡ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପରେ ରାଉରକେଲା ଉଦିତନଗର ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ପାନପୋଷ ଉପଖଣ୍ଡ ଉପଜିଲାପାଳ ଅଭିମନ୍ୟୁ ମାଝୀ, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ସମ୍ମାନିତ ଅତିଥି, ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡା. ସନାତନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ିଶା ପ୍ରଦେଶ ଗଠନ କରିବାରେ ଅନେକ ଓଡ଼ିଆ ଜନନାୟକ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ତନ୍ମଧ୍ୟରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ ପ୍ରମୁଖ ମହାପୁରୁଷଙ୍କ ଭୂମିକା ଅତୁଳନୀୟ। ସେମାନଙ୍କ ପାଇଁ ଆମ ଓଡିଆ ଜାତି ଗର୍ବ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆ ସାହିତ୍ୟ ପ୍ରତି ବିଶେଷ ଅବଦାନ ପାଇଁ ରାଧାମୋହନ ନାୟକ ଓ ଗୁରୁକୁଳ ବୈଦିକ ଆଶ୍ରମକୁ ମଧୁସୂଦନ ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀଙ୍କୁ ଚୈତନ୍ୟ ସାହୁ ପୁରସ୍କାର ପ୍ରଦାନ କରାଗଲା। ଏହାସହିତ ହକି ପ୍ରଶିକ୍ଷକ ପିଟର ତିର୍କୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ରାଉରକେଲା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ଜାତୀୟ ଦିବସ ପାଳନ କମିଟି ସଦସ୍ୟ, ସ୍କୁଲ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ମନୋଜ


@ ସବ୍ୟସାଚି


@ ସୁଧିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନ୍ୟାୟିକ ମାମଲାର ତ୍ୱରିତ ସମାଧାନ ପାଇଁ ତାଲିମ

ରାଉରକେଲା ଅଫିସ, ୨।୪

ରାଉରକେଲା ଆର୍‌ଏମ୍‌ସି କାଉନସେଲିଂ ହଲ୍‌ଠାରେ ଆଇନଜୀବୀମାନଙ୍କୁ ନେଇ ୫ଦିନିଆ ମଧ୍ୟସ୍ଥତା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏର ଅଧ୍ୟକ୍ଷ ଏସ୍. ତାଳପାତ୍ର ଉଦ୍‌ଘାଟନ କରିଥିଲେ। ନ୍ୟାୟିକ ମାମଲା ମଧ୍ୟସ୍ଥତା କମିଟି ସଦସ୍ୟ ତଥା ବିଚାରପତି କେ. ଆର. ମହାପାତ୍ର, ଏସ୍. ରଥ ଏବଂ ଏମ୍. ଏସ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜଜ୍ ଶୁଭଦର୍ଶୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଓକିଲ ସଂଘ ସଭାପତି ଏସ୍. ସି. ମାଝୀ ନ୍ୟାୟିକ ମାମଲା ଗୁଡିକର ସରଳ ଓ ତ୍ୱରିତ ସମାଧାନ କରିବାରେ ଏହି ତାଲିମ ଶିବିର ସହାୟକ ହେବ ବୋଲି କହିଥିଲେ। ମାଡ୍ରାସ ହାଇକୋର୍ଟର ବିଚାରପତି ଆର. ରତ୍ନାଥର ତଥା ସୁପ୍ରିମକୋର୍ଟର ମାଷ୍ଟର ଟ୍ରେନର ଏସ୍. ପଦ୍ମା ଶିବିରରେ ତାଲିମ ପ୍ରଦାନ କରିବେ। ଓଏସ୍‌ଏଲ୍‌ଏସ୍‌ଏର ସମ୍ପାଦକ ଏସ୍. ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସୁନ୍ଦରଗଡ, ସମ୍ବଲପୁର ଓ ଝାରସୁଗୁଡା ଜିଲାର ଆଇନଜୀବୀମାନେ ତାଲିମ ନେଉଛନ୍ତି।


ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଆର୍‌ଏସ୍‌ପି ପାଳିଲା ଓଡ଼ିଶା ଦିବସ


କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ରାଉରକେଲା ଅଫିସ, ୨।୪

ରାଉରକେଲା ସିଭିକ ସେଣ୍ଟରରେ ଆର୍‌ଏସ୍‌ପି ପକ୍ଷରୁ ଓଡ଼ିଶା ଦିବସ ଉତ୍ସବ ପାଳିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ସୀମା ଦେବ ଭୌମିକ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି.କେ. ସାହୁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡଃ ବି.କେ. ହୋତା, ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ଇନଚାର୍ଜ ଏ.କେ. ବେହୁରିଆଙ୍କ ସମେତ ବହୁ ସିଜିଏମ୍ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପଟ୍ଟଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ ଓ ପରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ତଥା ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ନିଃସ୍ୱାର୍ଥପର ସଂଗ୍ରାମ କରିଥିବା ସମସ୍ତ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡିଆଇସି ଦର୍ଶାଇଥିଲେ ଯେ, ରାଜ୍ୟର ସର୍ବପୁରାତନ ଓ ସର୍ବବୃହତ ଶିଳ୍ପ ହୋଇଥିବାରୁ ରାଜ୍ୟ ବିକାଶରେ ଆର୍‌ଏସ୍‌ପି ସର୍ବଦା ଜ୍ୟେଷ୍ଠ ପୁତ୍ରର ଧର୍ମକୁ ତୁଲାଇ ଆସିଛି। ଏହାସହ ରାଜ୍ୟର ସମୃଦ୍ଧତା, ବିକାଶ ତଥା ପ୍ରଗତି ପାଇଁ ସର୍ବଦା ବରିଷ୍ଠ ଯୋଗଦାନ ଦେଇ ଆସୁଛି। ଏହି ଧାରା ବଜାୟ ରଖିବ ବୋଲି ସେ କହିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ କାହାଣୀକାର ପ୍ରାଚୀତାରା ମିଶ୍ରଙ୍କ ଦ୍ୱାରା ଏକକ ଅଭିନୟ ମାଧ୍ୟମରେ ଓଡିଶାର ଇତିହାସ ଏବଂ ସାଂସ୍କୃତିକ ଐତିହ୍ୟର ବର୍ଣ୍ଣନା ଏବଂ ମ୍ୟୁଜିକ ସର୍କଲର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଡିଆଇସି ନୃତ୍ୟଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମାଜ କଲ୍ୟାଣ ବିଭାଗ ଜିଏମ୍ ଇନଚାର୍ଜ ବି. କେ. ରାଉତ ଉତ୍ସବ ପରିଚାଳନା କରିଥିଲେ।

# ଟଙ୍କା ନେଇ ପଳାଉଥିଲେ, ଅଟକ ରଖିଲା ପୋଲିସ

ଦେବଗଡ, ୨।୪(ଡି.ଏନ.ଏ.)

ମିଛ କଥା କହି ଠକୁଥିବା ଅଭିଯୋଗରେ ରବିବାର ଦୁଇ ଭଣ୍ଡ ବାବାଙ୍କୁ ଦେବଗଡ ଥାନା ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପୌରାଞ୍ଚଳ ଅନ୍ତର୍ଗତ ହାତୀଶାଳ ସାହିର ରାଜେନ ମୁଖିଙ୍କ ଘରେ ଦୁଇଜଣ ବ୍ୟକ୍ତି ପହଞ୍ଚି ଥିଲେ। ସେ ସମୟରେ ରାଜେନ ଘରେ ନ ଥିଲେ। ମହିଳା ଓ ଘରେ ଥିବା ପିଲାଙ୍କ ମୁଣ୍ଡରେ ମନ୍ତ୍ରିତ ବାଲି ଛିଞ୍ଚି ଦେବାରୁ ସେମାନେ ଅଚେତ ହୋଇଯାଇଥିଲେ। ଏହାର ସୁଯୋଗରେ ବାବା ନାମରେ ପରିଚୟ ଦେଇଥିବା ଉକ୍ତ ଦୁଇବ୍ୟକ୍ତି ଘରେ ଥିବା ୨୫୦୦ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରାଜେନ ଘରେ ପହଞ୍ଚିବା ପରେ ସବୁ କଥା ଜାଣି ଦୁଇ ଠକଙ୍କୁ ଖୋଜାଖୋଜି କରିଥିଲେ। ବାଇପାସ ରାସ୍ତାଦେଇ ସମ୍ପୃକ୍ତ ଦୁଇଜଣ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ କେତେକ ଯୁବକ ସେମାନଙ୍କୁ କାବୁ କରି ଦେବଗଡ ଥାନା ଜିମା ଦେଇଛନ୍ତି।

# ଟ୍ରାକ୍ଟର ଧକ୍କାରେ ବୃଦ୍ଧା ମୃତ

ରାଉରକେଲା ଅଫିସ, ୨।୪

ଟ୍ରାକ୍ଟର ଧକ୍କା ଦେବାରୁ ରବିବାର ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ପାରସାଟୋଲା ଅଞ୍ଚଳର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ସମାରୀ କୁଲୁ(୬୫)। ଏ ନେଇ ଏକ ମାମଲା (ନଂ.୭୪।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ରବିବାର ସକାଳେ ସମାରୀ ନଳକୂପରେ ମୁହଁ ଧୋଇ ଘରକୁ ଫେରୁଥିବା ବେଳେ ଏକ ଟ୍ରାକ୍ଟର (ନଂ.ଓଡି୧୪ଏସି/୦୨୪୭) ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସାପ୍ତାହିକ ହାଟରୁ ମୋବାଇଲ ଚୋରି

ବ୍ରଜରାଜନଗର, ୨।୪(ଡି.ଏନ୍.ଏ.)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଗୋଲ ଛକ ଠାରେ ବସୁଥିବା ରବିବାର ବଜାର (ସାପ୍ତାହିକ ହାଟ)ରୁ ମୋବାଇଲ ଚୋରି ହୋଇଥିବା ନେଇ ଥାନାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଚୋରମାନଙ୍କୁ ଖୋଜୁଛି। ମିଳିଥିବା ସୂଚନା ଅନୁଯାଇ ରଞ୍ଜନ ସିଂ ପରିବା କିଣିବାକୁ ଯାଇଥିଲେ। ସେହି ସମୟରେ କେହି ତାଙ୍କୁ ପିଛା କରି ମୋବାଇଲ ନେବାରେ ସକ୍ଷମ ହୋଇଥିଲେ। ମୋବାଇଲ ଯିବା ଜାଣିବା ପରେ ତୁରନ୍ତ ଯାଇ ଥାନାରେ ଅଭିଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ସେହି ବଜାରରୁ ପ୍ରତି ରବିବାର ଲୋକମାନଙ୍କର ମୋବାଇଲ ଚୋରି ହୋଇ ଆସୁଛି। ଥାନାରେ ଅଭିଯୋଗ ମଧ୍ୟ ହେଉଛି। ଏହାର ସୁଫଳ ମିଳୁନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ରବିବାର ବଜାର ସର୍ବଦା ଗହଳି ରହୁଛି। ଏହାର ସୁଯୋଗ ନେଇ ମୋବାଇଲ ଚୋର ଗ୍ୟାଙ୍ଗ ଚୋରି କରିବାରେ ସଫଳ ହେଉଛନ୍ତି।

# ଜି-୨୦ ଜନସହଭାଗୀରେ ସାମିଲ ପାଇଁ ପ୍ରୟାସ



ଶିବିରରେ ଯୋଗ ଦେଇଥିବା ରକ୍ତଦାତା ଓ ଅନ୍ୟମାନେ।

### କାର୍ଯ୍ୟକ୍ରମରେ ଯୁବକଙ୍କୁ ଯୋଡ଼ିଲା ଯୋଗାଭ୍ୟାସ

ରାଉରକେଲା ଅଫିସ, ୨।୪

ଜି-୨୦ ଜନସହଭାଗୀ କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ସାମିଲ କରିବା ପାଇଁ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ରବିବାର ରକ୍ତଦାନ ଓ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସପରିବାର ଯୋଗ ଦେଇଥିଲେ। ନିର୍ଦ୍ଦେଶକ ତଥା ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୁବବର୍ଗଙ୍କୁ ନିତ୍ୟ ଯୋଗଭ୍ୟାସ କରିବା ପାଇଁ ପ୍ରେରଣା ଦେଇଥିଲେ। ଯୋଗ ହେଉଛି ଭାରତୀୟ ପ୍ରାଚୀନ ଶକ୍ତିର ପ୍ରମୁଖ ଉତ୍ସ। ଯୋଗରୁ ମିଳୁଥିବା ଲାଭ ଯୋଗୁ ଏହା ବିଶ୍ୱବ୍ୟାପୀ ଲୋକପ୍ରିୟତା ହାସଲ କରିଛି ବୋଲି ରାଓ କହିଥିଲେ। ଯୋଗଗୁରୁ ଡାକ୍ତର ଖଗେଶ୍ୱର ଓଝା ଯୋଗ ମାଧ୍ୟମରେ ଜୀବନ ବଞ୍ଚିବା କଳା ଏବଂ ବରିଷ୍ଠ ଗୁରୁ ଡାକ୍ତର ଗିରିଜା ଶଙ୍କର ଦାସ ଯୋଗ ଓ ଯୋଗଧ୍ୟାନରୁ ପ୍ରକୃତ ସୁଖ ମିଳିଥାଏ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଫେସର ସରୋଜ ସାମଲ ଭବିଷ୍ୟତରେ ଯୁବକମାନେ ଯୋଗ ଆଗ୍ରହୀ ହୋଇ ଅଧିକରୁ ଅଧିକ ସାମିଲ ହେବେ ବୋଲି କହିଥିଲେ। ଏହାପରେ ଏନ୍‌ଆଇଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ଏସ୍‌ଏସ୍ ଦ୍ୱାରା ଜି-୨୦ ଜନସହଭାଗୀ ରକ୍ତଦାନ ଶିବିର ଆୟୋଜିତ ୮ ଶିବିରରେ ଯୋଗ ଦେଇଥିବା ରକ୍ତଦାତା ଓ ଅନ୍ୟମାନେ। ହାଇଥିଲା। କେ. ଉମା ମହେଶ୍ୱର ରାଓ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୦୦ଜଣ ରକ୍ତଦାନ କରିଥିଲେ। ଭିମସାର ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ରକ୍ତ ସଂଗ୍ରହ ହୋଇଥିଲା।

# ଶ୍ରେଷ୍ଠ ଇସ୍ପାତ କାରଖାନା କରିବାକୁ ଆହ୍ୱାନ

### ଆର୍‌ଏସ୍‌ପିର ୩୦୦ କର୍ମଚାରୀ ପୁରସ୍କୃତ

ରାଉରକେଲା ଅଫିସ, ୨।୪

ଆର୍‌ଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମରେ ଶନିବାର ଆୟୋଜିତ ବାର୍ଷିକ ନିଷ୍ପାଦନ ସମୀକ୍ଷା ବୈଠକରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ କାରଖାନାର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମୂଦାୟିକଙ୍କୁ ଶ୍ରେଷ୍ଠ ଇସ୍ପାତ କାରଖାନା ଭାବେ ଉଭା ହେବା ପାଇଁ ଧ୍ୟେୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୩ଶହ କର୍ମଚାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରତିବର୍ଷ ଏହି ପୁରସ୍କାର ନୂତନ ଆର୍ଥିକ ବର୍ଷ ପ୍ରାରମ୍ଭରେ ପ୍ରଦାନ ହୋଇ ଆସୁଛି। ଏହି ପୁରସ୍କାର କାରଖାନାରେ ଉଲ୍ଲେଖନୀୟ ଅବଦାନ ରହିଥିବା ବିଭିନ୍ନ ବିଭାଗ ଓ କର୍ମଚାରୀମାନଙ୍କୁ ଉତ୍ସାହିତ କରେ ଏବଂ ନୂତନ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ନିମନ୍ତେ ସମର୍ପିତ ହୋଇଥାଏ। ସାମୟିକ ପରିବର୍ତ୍ତନ ସହିତ ସାମୂଦାୟିକମାନେ ମଧ୍ୟ ପରିବର୍ତ୍ତନରେ ନିଜକୁ ରୂପାନ୍ତରିତ କରିବା, ପରିମଣ୍ଡଳରେ ସଙ୍ଗଠିତ ଘଟଣାଦି ଉପରେ ସତର୍କ ରହିବା ଏବଂ ସେହି ଅନୁସାରେ ଉତ୍ପାଦନ ପରିମାଣ, ଉତ୍ପାଦନ ମିଶ୍ରଣ, ମୂଲ୍ୟଯୁକ୍ତ ଉତ୍ପାଦ, ବଜାର ଆଚରଣ, ମୂଲ୍ୟ ନିର୍ଦ୍ଧାରଣ, ପ୍ୟାକେଜିଙ୍ଗ, ମାର୍କେଟିଂ ଏବଂ ଗ୍ରାହକ ଆକାଂକ୍ଷା ଆଦି ଉପରେ ନମନୀୟ ରଣନୀତି ଆପଣାଇବା ଆବଶ୍ୟକ ବୋଲି ଭୌମିକ କହିଥିଲେ। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଡା ବି. କେ. ହୋତା, ସେବା ବିଭାଗର ସିଜିଏମ୍ ଇନଚାର୍ଜ ତଥା କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଦେବବ୍ରତ ଦତ୍ତ ମଞ୍ଚାସୀନ ଥିଲେ। ଉତ୍କର୍ଷ ପ୍ରଦର୍ଶନରେ ଷ୍ଟିଲ ମେଲ୍ଟିଙ୍ଗ ସପ୍-୨ ଚାମ୍ପିୟନ ଓ ହଟ ଷ୍ଟ୍ରିପ୍ ମିଲ-୨ ବିଭାଗ ରନର୍ସ ଅପ୍ ଆଖ୍ୟା ଲାଭ କରି ଟ୍ରଫି ହାସଲ କରିଥିଲେ। ଏହି ଅବସରରେ ଭୌମିକଙ୍କ ଦ୍ୱାରା ବାର୍ଷିକ ବିଜନେସ ଯୋଜନା, ସୁରକ୍ଷା ଓ ସ୍ୱାସ୍ଥ୍ୟନୀତି ପୁସ୍ତିକା ଉନ୍ମୋଚିତ ହୋଇଥିଲା। କ୍ୱାଲିଟି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ତଥା ଆୟୋଜନ କମିଟି ଅଧ୍ୟକ୍ଷ ଅତିଶ ଚନ୍ଦ୍ର ସରକାର ସ୍ୱାଗତ ଭାଷଣ ଓ ପିପିସି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସୁନୀତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ସିଏଲ୍ ବିଭାଗର ମ୍ୟାନେଜର ସୁଶ୍ରୀ ଖୁସ୍‌ବୁ ମିଶ୍ର ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗର ସିନିୟର ମ୍ୟାନେଜର ଏସ୍. ଶ୍ରୀନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବରେ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ଶ୍ରମିକ ସଙ୍ଗଠନ ଓ ଅଧିକାରୀ, ସଂଘର ପ୍ରତିନିଧି, କାରଖାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।


ଅତିଥିମାନଙ୍କ ଦ୍ୱାରା ପୁସ୍ତିକା ଉନ୍ମୋଚନ କରାଯାଉଛି।

